CMYK

• Vol.- 46, Issue No. 3
• Friday, 3 April 2026
• ଶୁକ୍ରବାର, ୩ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶ

## ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ପରାମର୍ଶ



ଭୁବନେଶ୍ୱର, ୨ ।୪: ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଣିକି ରାଜ୍ୟର ସମସ୍ତ ସ୍କୁଲରେ ସକାଳୁଆ ପାଠପଢ଼ା ଆରମ୍ଭ ହେବ। ବଢୁଥିବା ଖରାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସକାଳ ୬:୩୦ ମିନିଟରୁ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇ ଦିନ ୧୦:୩୦ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ନିୟମ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲ ପାଇଁ ସମାନ ଭାବେ ଲାଗୁ ହେବ। ଗ୍ରୀଷ୍ମ ଛୁଟି ଆରମ୍ଭ ହେବା ପର୍ଯ୍ୟନ୍ତ ଏହି ସକାଳୁଆ ସ୍କୁଲ ବ୍ୟବସ୍ଥା ଜାରି ରହିବ। ଗଣଶିକ୍ଷା ସଚିବ ଏହି ସୂଚନା ଦେବା ସହ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ ଚିଠି ଲେଖିଛନ୍ତି। ବିଦ୍ୟାଳୟଗୁଡ଼ିକରେ ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ପ୍ରତି ଧ୍ୟାନ ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଖରା ଦାଉରୁ ରକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏବେ ସକାଳ ସମୟରେ ବିଦ୍ୟାଳୟ ଯିବେ ଏବଂ ଖରା ବଢ଼ିବା ପୂର୍ବରୁ ଅର୍ଥାତ ୧୦:୩୦ ସୁଦ୍ଧା ସେମାନଙ୍କର ଛୁଟି ହୋଇଯିବ।

# 'ହର୍ମୁଜ' ଖୋଲିବାକୁ ବୈଠକ: ଭାରତ ସାମିଲ

## ✱ ସାମିଲ ହେବାକୁ ବ୍ରିଟେନର ନିମନ୍ତ୍ରଣ

ନୂଆଦିଲ୍ଲୀ, ୨ ।୪: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି। ଏହାର ମୁଖ୍ୟ କାରଣ ହେଉଛି 'ହର୍ମୁଜ ପ୍ରଣାଳୀ' ବନ୍ଦ ହେବା, ଯାହାକି ଦୁନିଆର ତୈଳ ଟ୍ରାଞ୍ଜିଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ଏହି ସଙ୍କଟର ସମାଧାନ ପାଇଁ ୩୫ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଉଛି। ବୈଦେଶିକ ମନ୍ତ୍ରଣାଳୟ ରଣଧୀର ଜୟସୱାଲ ଗୁରୁବାର ଏହାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ରିଟେନ୍ ପକ୍ଷରୁ ଭାରତକୁ ଏହି ବହୁପାକ୍ଷୀୟ ବାର୍ତ୍ତାରେ ସାମିଲ ହେବାକୁ ନିମନ୍ତ୍ରଣ ମିଳିଛି। ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିସ୍ରି ଭର୍ଚୁଆଲି ଅଂଶ ଗ୍ରହଣ କରିବେ। ଏହାର ଉଦ୍ଦେଶ୍ୟ 'ହର୍ମୁଜ'କୁ ପୁଣିଥରେ ଖୋଲିବା ଓ ବିଶ୍ୱ ଶକ୍ତି ଯୋଗାଣକୁ ସ୍ୱାଭାବିକ କରିବା। ଯାହାଫଳରେ ବଢୁଥିବା ସଙ୍କଟକୁ କମ୍ କରିହେବ। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ ସୂଚନା ଦେଇଛନ୍ତି ଯେ, ୧ କୋଟି ଭାରତୀୟ ଏହି କ୍ଷେତ୍ରରେ ରୁହନ୍ତି। ବର୍ତ୍ତମାନ ସମସ୍ତେ ସୁରକ୍ଷିତ ଅଛନ୍ତି। ସେ କହିଛନ୍ତି, ଭାରତୀୟ ଦୂତାବାସ ଲଗାତାର ତାଙ୍କ ସଂସ୍ପର୍ଶରେ ଅଛନ୍ତି। ତେବେ ସେ ଦୁଃଖ ପ୍ରକାଶ କରିଛନ୍ତି ଯେ, ଏହି ଯୁଦ୍ଧରେ ୮ଜଣ ଭାରତୀୟଙ୍କ ମୃତ୍ୟୁ ହୋଇସାରିଛି ଏବଂ ଜଣେ ନିଖୋଜ ଅଛନ୍ତି। ସରକାର ନିଜ ନାଗରିକଙ୍କ ସୁରକ୍ଷାକୁ ନେଇ ପୁରାପୁରି ସତର୍କ ଅଛନ୍ତି। ହର୍ମୁଜର ସ୍ଥିତି ଉପରେ ମଧ୍ୟ ସରକାର ନଜର ରଖିଛନ୍ତି। ଏହା ସହ ବୈଦେଶିକ ମନ୍ତ୍ରଣାଳୟ ଏହି କଥାକୁ ମନା କରିଦେଇଛି ଯେ, ହର୍ମୁଜ ଦେଇ ଯାଉଥିବା ଭାରତୀୟ ଜାହାଜ ଉପରେ କୌଣସି ପ୍ରକାର ଟ୍ୟାକ୍ସ ନିଆଯାଉ ନାହିଁ।



### ଯୁଦ୍ଧ ଭିତରେ ଇରାନର ଆଶ୍ୱାସନା

## 'ଭାରତୀୟ ବନ୍ଧୁ ସୁରକ୍ଷିତ ଅଛନ୍ତି'

ନୂଆଦିଲ୍ଲୀ, ୨ ।୪: ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଭିତରେ ପଶ୍ଚିମ ଏସିଆରେ ସ୍ଥିତି ଖରାପ ରହିଛି। ତେବେ ଏହା ଭିତରେ ତେହରାନ ଭାରତକୁ ଦେଇଛି ବଡ଼ ଧରଣର ଆଶ୍ୱାସନା। ଭାରତରେ ଥିବା ଇରାନ ଦୂତାବାସ ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଆଶ୍ୱସ୍ତ କରିବା ପାଇଁ ଗୁରୁବାର ଏକ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାରେ ଇରାନ ଦୂତାବାସ କହିଛି ଯେ, ଭାରତୀୟ ନାଗରିକ ସୁରକ୍ଷିତ ହାତରେ ଅଛନ୍ତି ଓ ଚିନ୍ତାର କୌଣସି କଥା ନାହିଁ। ଦୂତାବାସ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ଲେଖିଛି, ଆମର ଭାରତୀୟ ବନ୍ଧୁ ସୁରକ୍ଷିତ ହାତରେ ଅଛନ୍ତି। ଏବେ ଚିନ୍ତାର କୌଣସି କଥା ନାହିଁ।' ଏହି ବୟାନ ଏଭଳି ସମୟରେ ଆସିଛି ଯେତେବେଳେ ଆଞ୍ଚଳିକ ବିବାଦ ଲଗାତାର ବଢିବାରେ ଲାଗିଛି। ଦୁଇପକ୍ଷର ଭିତରେ ଅସ୍ତ୍ରବିରତିର କୌଣସି ସଙ୍କେତ ମିଳିପାରିନି, ଯାହାଫଳରେ ସ୍ଥିତି ବିଗିଡିବାରେ ଲାଗିଛି। ଯୁଦ୍ଧ ଭିତରେ ବହୁ ଭାରତୀୟ ଇରାନ ଓ ଆଖପାଖର ଉପସାଗରୀୟ ଦେଶରେ ଫଶି ରହିଛନ୍ତି। ଏପର୍ଯ୍ୟନ୍ତ ବହୁ ଭାରତୀୟ ନିଜର ଜୀବନ ହରାଇ ସାରିଛନ୍ତି। ଏହା ପୂର୍ବରୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ବୁଧବାର ଏକ ବୟାନ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଏସିଆରେ ଚାଲିଥିବା ସଂଘର୍ଷ ଆରମ୍ଭ ହେବାପରେ ଏପର୍ଯ୍ୟନ୍ତ ୧,୧୫୦ରୁ ଅଧିକ ଭାରତୀୟ ନାଗରିକ ଆର୍ମେନିୟ ଓ ଅଜରବୈଜାନର ସ୍ଥଳ ସୀମାର ପୋଷ୍ଟ ବାଟ ଦେଇ ଇରାନରୁ ବାହାରକୁ ଆସିଛନ୍ତି। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ମଙ୍ଗଳବାର ୟୁଏଇରେ ହୋଇଥିବା ଆକ୍ରମଣରେ ତିନି ଜଣ ଭାରତୀୟ ଆହତ ହୋଇଛନ୍ତି।

### ୧୮୮୯ ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ

## ୨୦୨୭ସୁଦ୍ଧା ସମସ୍ତ କେନ୍ଦ୍ର ପାଇବେ ନିଜସ୍ୱ ଗୃହ

ଭୁବନେଶ୍ୱର, ୨।୪: ରାଜ୍ୟର ଅଙ୍ଗନବାଡ଼ି ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୧୮୮୯ଟି ନୂତନ ଅଙ୍ଗନବାଡ଼ି ଗୃହକୁ ଗୁରୁବାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ



ସେ ଏହି ସମସ୍ତ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି । ନିଜସ୍ୱ ଗୃହରେ ଚାଲିବ ଅଙ୍ଗନବାଡ଼ି କେନ୍ଦ୍ର। ପୂର୍ବରୁ ଅନେକ ଅଙ୍ଗନବାଡ଼ି କେନ୍ଦ୍ର ନିଜସ୍ୱ ଗୃହ ଅଭାବରୁ ବିଭିନ୍ନ ସ୍କୁଲ କିମ୍ବା ଗୋଷ୍ଠୀ କେନ୍ଦ୍ରମାନଙ୍କରେ ପରିଚାଳିତ ହେଉଥିଲା। ଏହି ନୂତନ ଗୃହ ଗୁଡ଼ିକର ନିର୍ମାଣ ଫଳରେ ଏବେ ଶିଶୁ ଏବଂ ମହିଳାମାନେ ଏକ ସ୍ୱତନ୍ତ୍ର ତଥା ଉନ୍ନତ ପରିବେଶରେ ସରକାରୀ ସେବା ପାଇପାରିବେ । ଉଦଘାଟନ ଅବସରରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୭ମସିହା ସୁଦ୍ଧା ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଯେପରି ନିଜସ୍ୱ ଗୃହ ପାଇବେ, ସେଥିପାଇଁ ଆମେ ଲକ୍ଷ୍ୟ ରଖିଛୁ । ଏହି ଦିଗରେ କାର୍ଯ୍ୟ ଜାରି ରହିଛି। ଆଗାମୀ ୩ରୁ ୪ମାସ ମଧ୍ୟରେ ବଳକା ଥିବା ୪ହଜାର ଅଙ୍ଗନବାଡ଼ି କେନ୍ଦ୍ରକୁ ସେମାନଙ୍କର ନିଜସ୍ୱ ଗୃହ ଯୋଗାଇ ଦେବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି । ଏ ସମ୍ପର୍କରେ ଆଜି ସମସ୍ତ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଖୁବଶୀଘ୍ର ଆସିବ କନ୍ୟା ସୁମଙ୍ଗଳ ଯୋଜନାର ଏସଓପି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୪: କନ୍ୟା ସୁମଙ୍ଗଳ ଯୋଜନାର ଏସଓପି ଖୁବଶୀଘ୍ର ଆସିବ। ଏହି ଯୋଜନାରେ ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତା ନାମରେ ଟଙ୍କା ରଖାଯିବ। ଝିଅକୁ ୨୧ ବର୍ଷ ହେବା ପରେ ତା ଅକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। କନ୍ୟା ସୁମଙ୍ଗଳ ଯୋଜନା ବଜେଟରେ ଘୋଷଣା ହୋଇଛି। ତାର ଏସଓପି ଖୁବଶୀଘ୍ର ଫାଇନାଲ ହେବ । କନ୍ୟା ସୁମଙ୍ଗଳ ଯୋଜନା ଏଜୁକେସନ ବେସଡ଼ ହେବ । ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତା ନାମରେ ଟଙ୍କା ରଖାଯିବ। ଝିଅକୁ ୨୧ ବର୍ଷ ହେବା ପରେ ତା ଅକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଯିବ ଏସବୁର ପୁରା ଏସଓପି ଆସିବା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ସ୍କିମାଟିକ୍ କନିଷ୍ଠ ଶିକ୍ଷକ ହେଲେ ନିୟମିତ

ଭୁବନେଶ୍ୱର, ୨।୪: ରାଜ୍ୟରେ ବିଭିନ୍ନ ଜିଲ୍ଲାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ଚାକିରି ନିୟମିତୀକରଣ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୨୩-୨୪ରେ ବିଧିବଦ୍ଧ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଚାକିରି ନିୟମିତ କରାଯାଇଛି। ସେମାନଙ୍କୁ ଏଲିମେଣ୍ଟାରି କ୍ୟାଡରର ସହକାରୀ ଶିକ୍ଷକ (ସ୍ତର-୫କ) ଭାବେ ଅବସ୍ଥାପିତ କରାଯାଇଛି। ନିୟମିତ ହୋଇଥିବା ସ୍କିମାଟିକ୍ ଶିକ୍ଷକଙ୍କ ନିୟମିତୀକରଣ, ସେମାନେ କାର୍ଯ୍ୟରେ ଯୋଗଦେଇଥିବା ତାରିଖଠାରୁ କରାଯିବ। ସେମାନେ ୩୧ ଡିସେମ୍ବର ୨୦୨୫ ଯାଏଁ ନୋସନାଲ୍ ସେବା ସୁଯୋଗ ଗ୍ରହଣ କରିପାରିବେ। ୧ ଜାନୁଆରୀ ୨୦୨୬ ଠାରୁ ସେମାନେ ସହକାରୀ ଶିକ୍ଷକ ସ୍ତର ୫କର ସେବା ସୁଯୋଗ ଓ ଦରମା ଆଦି ପାଇବେ।

## ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

କଟକ, ୨।୪(ନିପ୍ର): ମେ' ମାସ ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ । ଏନେଇ ଗୁରୁବାର ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ପରୀକ୍ଷା ଫଳ ବାହାରିବା ପରେ ସଙ୍ଗେ ସଙ୍ଗେ ବୋର୍ଡ ସାର୍ଟିଫିକେଟ୍ ମିଳିବ । ଯାହାଙ୍କର ପେପର୍ ଖରାପ ଥିବ ସେମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ଆଜି ମାଟ୍ରିକ୍ ପରୀକ୍ଷାର ଖାତା ଦେଖା ଶେଷ ହୋଇଛି ବୋଲି କହିଛନ୍ତି ବୋର୍ଡ ସଭାପତି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ଦେଖା ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିଲା। ରାଜ୍ୟର ୫୧ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ ହଜାର ଶିକ୍ଷକଙ୍କ ଦ୍ୱାରା ଖାତା ଦେଖାଯାଇଥିଲା। ଏଥିପାଇଁ ସବୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ଲେଖିଯାଇଥିଲା। ଏପ୍ରିଲ ୨ ତାରିଖ ସୁଦ୍ଧା ଅର୍ଥାତ ୧୫ ଦିନ ମଧ୍ୟରେ ଖାତାଦେଖା ସାରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ରାଜ୍ୟର ୫ ଲକ୍ଷ ୬୨ ହଜାର ୬୧୨ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ଏଥିପାଇଁ ବୋର୍ଡ ଦ୍ୱାରା ମୋଟ ୩,୦୮୨ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଗତ ଫେବୃଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ପାଖାପାଖି ୧୨ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ମେ ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଫଳ ପ୍ରକାଶ ପାଇ ବୋର୍ଡ ପକ୍ଷରୁ ଯୋଜନା ରହିଥିଲା।

### ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ

## ପ୍ରାର୍ଥୀପତ୍ର ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର, ୨।୪: ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଧାନସଭା ପ୍ରାର୍ଥୀମାନଙ୍କ ପ୍ରାର୍ଥୀପତ୍ର ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। । ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଚାରି ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ରାମପୁରହାଟ ଏସଡିଓ ଅଫିସରେ ବିଜେପିର ରାମପୁରହାଟ ବିଧାନ ସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନ ସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନ ସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନ ସଭା ପ୍ରାର୍ଥୀ ରିଙ୍କି ଘୋଷ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଅବସରରେ ବୀରଭୂମ ଜିଲ୍ଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡଠାରୁ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ । ଏହି ରାଲିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇଥିଲେ । ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଦଳୀୟ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।





ସତ୍ୟମେବ ଜୟତେ

ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0002

15001/2/2627



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାରକରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

CMYK

# ମହାନ ପିତାଙ୍କ ମହାନ ପୁତ୍ର
# ସାରସ୍ୱତ



ବ୍ରହ୍ମାଙ୍କ ପୁତ୍ର ଭୃଗୁ ନିଜ ତପଶକ୍ତି ବଳରେ ମହାନ ଋଷି ଦଧିଚିଙ୍କୁ ପ୍ରକଟ କରିଥିଲେ । ଋଷି ଦଧିଚି ପ୍ରକଟ ହେବା ମାତ୍ରେ କଠୋର ତପସ୍ୟା ଆରମ୍ଭ କରିଦେଲେ । ତାଙ୍କ ତପସ୍ୟାରେ ବ୍ୟତିବ୍ୟସ୍ତ ହୋଇ ଦେବରାଜ ଇନ୍ଦ୍ର ମହର୍ଷିଙ୍କୁ ପୁଷ୍ପ ଅର୍ପଣ କରି ପ୍ରଲୋଭିତ କରିବା ଲାଗି ପ୍ରୟାସ କରିଥିଲେ । ମାତ୍ର ଏଥିରେ ଇନ୍ଦ୍ର ବିଫଳ ହେଲେ । ଏହାପରେ ଦେବରାଜ 'ଅଳମ୍ବୁଜା' ନାମ୍ନୀ ଅପ୍ସରାଙ୍କୁ ମହର୍ଷି ଦଧିଚିଙ୍କ ତପସ୍ୟା ଭଙ୍ଗ କରିବା ନିମନ୍ତେ ପଠାଇଲେ । ଦଧିଚି ସରସ୍ୱତୀ ନଦୀରେ ତର୍ପଣ କରୁଥିବା ସମୟରେ 'ଅଳମ୍ବୁଜା'ଙ୍କୁ ଦେଖିଲେ । ତାଙ୍କର ରୂପ ଲାବଣ୍ୟରେ ଦଧିଚି ମୋହିତ ହୋଇପଡ଼ିଲେ । ଏହି ଘଟଣାକ୍ରମର ସାକ୍ଷୀ ଥିଲେ ସରସ୍ୱତୀ ନଦୀ । ସେ ଋଷିଙ୍କ ଅଂଶକୁ ନିଜ ଗର୍ଭରେ ଧାରଣ କଲେ । ଶେଷରେ ତାଙ୍କର 'ସାରସ୍ୱତ' ନାମରେ ପୁତ୍ର ଜାତ ହେଲା । ପୁତ୍ର ବଡ଼ ହେବା ପରେ ଦିନେ ସରସ୍ୱତୀ ଯାଇ ମହର୍ଷି ଦଧିଚିଙ୍କୁ ଭେଟି ସବୁ ସତକଥା କହିଲେ । ଋଷି ନିଜ ପୁତ୍ରକୁ କୋଳରେ ଧରିଲେ । ତାଙ୍କର ଏହି ପୁତ୍ର ଦିନେ ସଂସାର କଲ୍ୟାଣରେ ମହାନ ଯୋଗଦାନ ଦେବ ବୋଲି ମହର୍ଷି ବରଦାନ ଦେଲେ । କିଛିଦିନ ପରେ ଦେବତା ଏବଂ ଅସୁରଙ୍କ ମଧ୍ୟରେ ଭୟାନକ ଯୁଦ୍ଧ ଆରମ୍ଭ ହେଲା । ଦୁଷ୍ଟଙ୍କ ସଂହାର ପାଇଁ ଦେବରାଜ ଇନ୍ଦ୍ରଙ୍କୁ ଏକ ଶକ୍ତିଶାଳୀ ଅସ୍ତ୍ରର ଆବଶ୍ୟକତା ପଡ଼ିଲା । ତ୍ରିଦେବ କହିଲେ, କେବଳ ଋଷି ଦଧିଚିଙ୍କ ଅସ୍ଥିରେ ହିଁ ଏଭଳି ଶକ୍ତିଶାଳୀ ଅସ୍ତ୍ର ନିର୍ମାଣ କରାଯାଇପାରିବ । ଦେବରାଜ ତତ୍‌କ୍ଷଣାତ୍ ମହର୍ଷି ଦଧିଚିଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ସବୁକଥା କହିଲେ । ତାଙ୍କ ତପସ୍ୟା ଭଙ୍ଗ କରିବାକୁ ଚେଷ୍ଟା କରିଥିବା ଜାଣି ମଧ୍ୟ ଉଦାର ହୃଦୟରେ ଅତି ପ୍ରସନ୍ନତାପୂର୍ବକ ମହର୍ଷି ଜଗତକଲ୍ୟାଣ ନିମନ୍ତେ ନିଜର ଅସ୍ଥି ଦେବରାଜ ଇନ୍ଦ୍ରଙ୍କୁ ଦେବା ଲାଗି ପ୍ରସ୍ତୁତ ହୋଇଗଲେ । ଏହାପରେ ସେ ଶରୀର ତ୍ୟାଗ କରି ପରମାତ୍ମାଙ୍କ ଠାରେ ଲୀନ ହୋଇଗଲେ । ଦଧିଚିଙ୍କ ଅସ୍ଥିରୁ 'ବଜ୍ର' ନିର୍ମାଣ ହେଲା । ଏହି ଅସ୍ତ୍ର ପ୍ରୟୋଗ କରି ଦେବରାଜ ଇନ୍ଦ୍ର ଅସୁରସେନାଙ୍କୁ ବିନାଶ କଲେ ଏବଂ ଜଗତରେ ଶାନ୍ତି ପ୍ରତିଷ୍ଠା ହେଲା । ତେବେ ବଜ୍ର ପ୍ରୟୋଗ ଯୋଗୁଁ ପୃଥିବୀରେ ଘୋର ଅକାଳ ପଡ଼ିଲା । ୧୨ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲା ନାହିଁ । ବର୍ଷା କରାଇବା ଲାଗି ଯଜ୍ଞ ଏବଂ ଅନୁଷ୍ଠାନର ଆବଶ୍ୟକତା ପଡ଼ିଲା । ମାତ୍ର ବ୍ରାହ୍ମଣମାନେ ବେଦ ମନ୍ତ୍ର ଭୁଲି ସାରିଥିବାରୁ ଯଜ୍ଞ କରିବା ସମ୍ଭବପର ହୋଇପାରିଲା ନାହିଁ । ଏହି ସମୟରେ ସାରସ୍ୱତଙ୍କ ସହାୟତା ଲୋଡ଼ାଗଲା । ସାରସ୍ୱତ ମହାଜ୍ଞାନୀ ଥିଲେ । ସେ ସମସ୍ତ ବେଦମନ୍ତ୍ର ମନେ ରଖିପାରିଥିଲେ ଏବଂ ଯଜ୍ଞ ପରମ୍ପରା ସମସ୍ତ ବିଧି ତାଙ୍କୁ ଜଣାଥିଲା । ସମସ୍ତ ବ୍ରାହ୍ମଣ କୁଳ ସାରସ୍ୱତଙ୍କୁ ନିଜ ଗୁରୁ ରୂପେ ସ୍ୱୀକାର କଲେ । ତାଙ୍କର ସହାୟତାକ୍ରମେ ଯଜ୍ଞ, ଅନୁଷ୍ଠାନ ଆଦି ସମ୍ପନ୍ନ କରାଯିବାରୁ ବର୍ଷା ହେଲା ଏବଂ ଅକାଳ ଦୂର ହେଲା ।

# ତପସ୍ୟା ଓ ସତ୍‌ସଙ୍ଗ

ଥରେ ମହର୍ଷି ବଶିଷ୍ଠ ଏବଂ ମହର୍ଷି ବିଶ୍ୱାମିତ୍ରଙ୍କ ମଧ୍ୟରେ ଚର୍ଚ୍ଚା ହେଉଥାଏ । ବଶିଷ୍ଠ କହିଲେ- ସତ୍‌ସଙ୍ଗରୁ ମିଳୁଥିବା ପୁଣ୍ୟ ବଳ ଶ୍ରେଷ୍ଠ । ବିଶ୍ୱାମିତ୍ର କହିଲେ ନା, ତପୋବଳ ଶ୍ରେଷ୍ଠ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଉତ୍ପନ୍ନ ହେଲା । ବିବାଦ ଅଧିକ ବଢ଼ିବାରୁ ଦୁହେଁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟକୁ ଗଲେ । ମାତ୍ର ବ୍ରହ୍ମା ଏହି ବିବାଦର ସମାଧାନ କରିପାରିଲେ ନାହିଁ । ସେ ଦୁହିଁଙ୍କୁ ମହାଦେବଙ୍କ ପାଖକୁ ପଠାଇଦେଲେ । ମହାଦେବ ମଧ ଏହି ବିବାଦର ସମାଧାନ ନପାଇ ଭଗବାନ ବିଷ୍ଣୁଙ୍କ ନିକଟକୁ ପଠାଇଲେ । ବିଷ୍ଣୁ କହିଲେ, ମୁଁ ବି ଏହାର ଉତ୍ତର ଜାଣେ ନାହିଁ । ତୁମେମାନେ ପାତାଳଲୋକକୁ ଶେଷ ନାଗଙ୍କ ନିକଟକୁ ଯାଅ । ଦୁହେଁ ସେଠାକୁ ଗଲେ । ଶେଷନାଗଙ୍କୁ ପଚାରିଲେ- ତପୋବଳ ଏବଂ ସତସଙ୍ଗ୍ ଦ୍ୱାରା ପ୍ରାପ୍ତ ପୁଣ୍ୟ ମଧ୍ୟରେ କେଉଁଟି ଶ୍ରେଷ୍ଠ । ଦୁହିଁଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ଶେଷନାଗ କହିଲେ, ମୁଁ ଆପଣମାନଙ୍କ ପ୍ରଶ୍ନର ଉତ୍ତର ଦେଇପାରେ । ହେଲେ ଏହି ପୃଥିବୀର ଭାର ମୋ ଉପରେ ରହିଛି । କିଏ ଯଦି ପୃଥିବୀ ଭାରରୁ ମୋତେ ମୁକ୍ତ କରିଦିଏ, ତା'ହେଲେ ମୁଁ ଭଲ ଭାବେ ଚିନ୍ତା କରି ପ୍ରଶ୍ନର ଉତ୍ତର ଦେଇପାରିବି । ବିଶ୍ୱାମିତ୍ର କହିଲେ- ଏଇ କଥା ! ମୁଁ ମୋର ସହସ୍ର ବର୍ଷର ତପସ୍ୟାର ସମସ୍ତ ପୁଣ୍ୟ ବଳରେ ପୃଥିବୀକୁ ଆକାଶରେ ସ୍ଥିର ରହିବାକୁ କହୁଛି । ମାତ୍ର ବିଶ୍ୱାମିତ୍ରଙ୍କ କଥାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଏହାପରେ ବଶିଷ୍ଠ କହିଲେ, ମୁଁ ମୋର ଗୋଟିଏ ଦିନର ସତ୍‌ସଙ୍ଗ ପୁଣ୍ୟ ବଳରେ ପୃଥିବୀମାତାଙ୍କୁ ଆକାଶରେ ସ୍ଥିର ରହିବା ଲାଗି ଅନୁରୋଧ କରୁଛି । ତାଙ୍କ ପାଟିରୁ ଏତିକି କଥା ବାହାରିଛି କି ନାହିଁ ପୃଥିବୀ ତତ୍‌କ୍ଷଣାତ୍ ସ୍ଥିର ହୋଇଗଲା । ଶେଷରେ ବିବାଦର ଅନ୍ତ ଘଟିଲା ।



# ଅଜ୍ଞାତବାସର କଥା

ସାଧାରଣତଃ କୁହାଯାଏ ଯେ ଯେତେବେଳେ ପାଣ୍ଡବମାନେ ୧୨ ବର୍ଷ ନିର୍ବାସନରେ ଯାଇଥିଲେ, ସେତେବେଳେ ଯୁଧିଷ୍ଠିର ବିବାହ କରିଥିଲେ। ଦେବିକାଙ୍କୁ ମାତା କୁନ୍ତୀଙ୍କ ପାଖରେ ଯୁଧିଷ୍ଠିର ଛାଡିଯାଇଥିଲେ। ସେଥିପାଇଁ ଅଜ୍ଞାତବାସ ସମୟରେ ତାଙ୍କ ପାଖରେ ସେ ନଥିଲେ । ସେମାନଙ୍କର ପୁଅର ନାମ କ'ଣ ଥିଲା ? ଦେବିକାଙ୍କର ଯୁଧିଷ୍ଠିରରୁ ଯୋଦ୍ଧେୟ ନାମକ ଏକ ପୁତ୍ର ଥିଲେ। ଯିଏ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲା। କାରଣ ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କର କୌଣସି ପୁଅ ଜୀବିତ ରହିଲେ ନାହିଁ। କେବଳ ପରୀକ୍ଷିତ ଉତ୍ତରାଙ୍କ ଗର୍ଭରେ ବଢୁଥିଲେ । ଯାହାଙ୍କୁ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିବା ପରେ ପରେ ରାଜଗାଦି ହସ୍ତାନ୍ତର କରିଥିଲେ। ତା'ପରେ ସେ ନିଜ ଭାଇ ଓ ସ୍ତ୍ରୀମାନଙ୍କ ସହିତ ହିମାଳୟ ଆଡକୁ ଶେଷ ଯାତ୍ରା ପାଇଁ ଚାଲିଗଲେ । ତେବେ ବିଷ୍ଣୁ ପୁରାଣରେ ଯୁଧିଷ୍ଠିରଙ୍କ ପୁଅର ନାମ ଦେବକ ଏବଂ ତାଙ୍କ ମାତାଙ୍କ ନାମ ଯୋଦେହି ବୋଲି ଉଲ୍ଲେଖ କରାଯାଇଛି। ସେ କେଉଁ ରାଜବଂଶର ଥିଲେ ? ମହାଭାରତରେ ଦେବିକାଙ୍କୁ ଉଲ୍ଲେଖ କରାଯାଇଛି।

# ଦେବଗୁରୁ ବୃହସ୍ପତି ଭୋଗିଲେ ଶନିଦଶା

## ଧ୍ୟାନ

ଶନିଙ୍କର ଗୋଟିଏ ଦିନ ଦୃଷ୍ଟି ପଡ଼ିବା କଥା ଜାଣି ବୃହସ୍ପତି ନିଜ କୋଷ୍ଠି ଗଣନା କଲେ। ଶନିଙ୍କ ଦୃଷ୍ଟି ପଡ଼ିବାର ଚାରିଦିନ ପୂର୍ବରୁ ଯୋଗାସନରେ ବସି ବ୍ରହ୍ମ ଉପାସନା କରୁଥିଲେ। ନାରାୟଣଙ୍କ ଉପାସନା ପାଇଁ ବୃହସ୍ପତି ବଣକୁ ଫୁଲ ତୋଳିବାକୁ ଗଲେ ଓ ବିଭିନ୍ନ ପ୍ରକାରର ସୁବାସିତ ଫୁଲ ତୋଳି ଚାଙ୍ଗୁଡ଼ାରେ ରଖି ଆସୁଥିଲେ । ଏହି ସମୟରେ ରାଜା ବୀରବାହୁ ନିଜର ରାଣୀ ଓ ପୁତ୍ରଙ୍କୁ ଧରି ବହୁ ସୈନ୍ୟ ସାମନ୍ତଙ୍କ ସହ ବଣ ଭିତରକୁ ମୃଗୟା ପାଇଁ ଯାଇଥିଲେ। ରାଣୀ ହଠାତ୍ ଦେଖିଲେ ଯେ ତାଙ୍କ ପୁଅ ପାଖରେ ନାହିଁ। ସୈନ୍ୟସାମନ୍ତ ପାତ୍ରମନ୍ତ୍ରୀ ସମସ୍ତେ ପୁଅକୁ ବଣସାରା ଖୋଜିଲେ ମାତ୍ର ପାଇଲେ ନାହିଁ। ବାଟରେ ଦେଖିଲେ ଯେ ଗୁରୁ ବୃହସ୍ପତି ଫୁଲ ଚାଙ୍ଗୁଡି ଧରି ଯାଉଛନ୍ତି। ମାତ୍ର ଚାଙ୍ଗୁଡାରୁ ଝରଝର ହୋଇ ରକ୍ତ ଝରିଝରି ରାସ୍ତା ସାରା ଯାଉଛି। ଏହା ନିଜେ ବୃହସ୍ପତି ମଧ୍ୟ ଜାଣି ନାହାନ୍ତି। ଗୁରୁଙ୍କ ଚାଙ୍ଗୁଡାରୁ ରକ୍ତ ଝରୁଥିବାର ଦେଖି ସୈନ୍ୟମାନେ ତାଙ୍କୁ ଅଟକାଇ ଦେଖିବାରୁ ସେଥିରେ ରାଜାଙ୍କ ପୁଅର କଟାମୁଣ୍ଡ ଥିବାର ଦେଖିଲେ। ସୈନ୍ୟମାନେ ଗୁରୁଙ୍କୁ ଧରି ରାଜାଙ୍କ ନିକଟକୁ ନେଲେ। ଦେବଗୁରୁ ବୃହସ୍ପତି ଜାଣିଲେ ଯେ ଶନିଙ୍କ କଠୋର ଦୃଷ୍ଟି ପାଇଁ ସେ ଆଜି ହତ୍ୟାକାରୀ ଦୋଷରେ ରାଜଦରବାରରେ ଉପସ୍ଥିତ ହୋଇଛନ୍ତି। ସେଠାରେ ଗୁରୁ ଶନିଶ୍ଚରଙ୍କୁ ମନେ ପକାଇ ଶନିଙ୍କ ସ୍ତୁତି କଲେ। ବୃହସ୍ପତିଙ୍କ ସ୍ତବରେ ସନ୍ତୁଷ୍ଟ ହୋଇ ଶନିଶ୍ଚର ଶୂନ୍ୟବାଣୀ କଲେ ଯେ ହେ ଗୁରୁଦେବ ଏବେ ସ୍ଥିର ହୁଅନ୍ତୁ, ଆପଣଙ୍କ ଉପରେ କଠୋର ଦୃଷ୍ଟି ଶେଷ ହେଲା। ଯେତେଦିନ ଏ ପୃଥିବୀରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବେ ସେତେଦିନ ଯାଏଁ ଆପଣଙ୍କ ଉପରେ ଆଉ ମୋର ଦୃଷ୍ଟି ପଡ଼ିବ ନାହିଁ। ରାଜା ବୀରବାହୁଙ୍କୁ କହିଲେ ଯେ ହେ ରାଜା ଆଉ ମନ ଦୁଃଖ କରନାହିଁ, ମୋର ମାୟା ବଳରେ ତୁମ୍ଭର ପୁତ୍ର ଭଣ୍ଡାର ଘରେ ସୁରକ୍ଷିତ ଭାବେ ଶୋଇଛି ତାକୁ ସେଠାରୁ ଆଣ। ଏହିପରି ଭାବେ ଦେବଗୁରୁ ବୃହସ୍ପତି ଶନିଦଶାରୁ ରକ୍ଷା ପାଇଲେ।



# ସମୟର ଶିକ୍ଷା

ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିର ରାଜା ହେଲେ। ଥରେ ଜଣେ ଗରିବ ବ୍ୟକ୍ତି ତାଙ୍କୁ ଭେଟିବାକୁ ଆସିଲା। ସେ ରାଜାଙ୍କୁ ଭେଟି ନିଜ ସମସ୍ୟା ବିଷୟରେ ଜଣାଇଲା, କିନ୍ତୁ ଯୁଧିଷ୍ଠିର ଭାରି ବ୍ୟସ୍ତ ଥିଲେ। ସେ ତା'କୁ ପରଦିନ ଆସିବା ଲାଗି କହିଲେ। ଗରିବ ବ୍ୟକ୍ତି ଉଦାସ ମନରେ ଫେରିଯାଉଥିଲା, ଠିକ୍ ଏହି ସମୟରେ ରାସ୍ତାରେ ସେ ଭୀମଙ୍କୁ ଭେଟିଲା। ଭୀମ ତା'ଠାରୁ ସବୁକଥା ଶୁଣିବା ପରେ ଜଣେ ସୈନିକଙ୍କୁ ଆଦେଶ ଦେଇ କହିଲେ ଯିଏ ତୁରନ୍ତ ବିଜୟ ଉଦ୍‌ଘୋଷ କରୁଥିବା ବାଜା ବଜାଅ। ବାଜା ଶବ୍ଦ ଶୁଣି ଯୁଧିଷ୍ଠିର ବାହାରକୁ ଆସିଲେ। ସେ ଭୀମଙ୍କୁ ପଚାରିଲେ ଯେ ବିଜୟ ବାଦ୍ୟ କାହିଁକି ବାଜୁଛି ? ଭୀମ ତୁରନ୍ତ ଉତ୍ତର ଦେଲେ ଯେ ଠିକ୍ ଏବେ ମୁଁ ଜାଣିବାକୁ ପାଉଛି ଯେ ଆପଣ କାଳ ଉପରେ ବିଜୟ ପ୍ରାପ୍ତ କରିନେଇଛନ୍ତି। ଯୁଧିଷ୍ଠିର ଏକଥା ଶୁଣି ଚକିତ ହେଲେ। ଭୀମ କହିଲେ ଆପଣ ଆସନ୍ତାକାଲି ମଧ୍ୟ ଜୀବିତ ରହିବେ ବୋଲି ଭଲଭାବେ ଜାଣିଛନ୍ତି, ସେଥିପାଇଁ ତ' ଆପଣ ଜଣେ ଗରିବ ଲୋକର ସମସ୍ୟା ସମାଧାନ କରିବା ବଦଳରେ ତା'କୁ ଫେରାଇଦେଲେ। ଏହାପରେ ଯୁଧିଷ୍ଠିର ନିଜ ଭୁଲ ବୁଝିପାରିଲେ। ସେ ତୁରନ୍ତ ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କଲେ। ବର୍ତ୍ତମାନର ଏହି କ୍ଷଣ ଆମର, ସେଥିପାଇଁ କୌଣସି କାର୍ଯ୍ୟ ଆସନ୍ତାକାଲିକୁ ଟାଳିବା ଉଚିତ୍ ନୁହେଁ।





# ପ୍ରକୃତ ସାଧକ

ଜଣେ ସନ୍ଥ ଏବଂ ଆଉ ଜଣେ ସାଧକ ଏକାଠି କୌଣସି ଏକ ସ୍ଥାନକୁ ଯାଉଥିଲେ। ରାସ୍ତାରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ, ସିଏ ସାଧକଙ୍କୁ ଜାଣିଥିଲେ। କିନ୍ତୁ ସେ ସାଧକଙ୍କୁ ଦେଖି ଗାଳି କରିବାକୁ ଲାଗିଲେ। ସନ୍ଥ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ଭାଇ ଆପଣ କାହିଁକି ଏତେ ଖରାପ ଭାଷାରେ ଗାଳି ଦେଉଛନ୍ତି ? ଏପରି ଶବ୍ଦ ବ୍ୟବହାର କରିବା ଦ୍ୱାରା ଆପଣ ନିଜ ପାଟି ଖରାପ କରୁଛନ୍ତି। ସନ୍ଥଙ୍କ କଥା ଶୁଣି ସାଧକଙ୍କୁ ସାହସ ଜୁଟିଲା। ଏବେ ସେ ମଧ ଖରାପ ଭାଷାରେ ସେହି ବ୍ୟକ୍ତିଙ୍କୁ ଗାଳି କରିବାକୁ ଲାଗିଲେ। ଦୁଇ ଜଣଙ୍କ ମଧ୍ୟରେ ଏପରି ଗାଳିଗୁଲଜ ଚାଲିଲା। ଏହା ଦେଖି ସନ୍ଥ ଦୁଃଖିତ ହେଲେ। ଅଜଣା ବ୍ୟକ୍ତିଙ୍କୁ ସେ ତ' ବୁଝାଇପାରିଲେ, କିନ୍ତୁ ସାଧକଙ୍କୁ କ'ଣ କହିଥାନ୍ତେ ! ଶେଷରେ ସେ ଦୁହେଁ ଝଗଡ଼ା ଛାଡ଼ି ଏକୁଟିଆ କୁଟୀରକୁ ଫେରିଆସିଲେ ଏବଂ ଭଜନ ଗାଇବାକୁ ଲାଗିଲେ। କିଛି ସମୟ ପରେ ସାଧକ ତାଙ୍କୁ ଖୋଜି ଖୋଜି କୁଟୀରରେ ପହଞ୍ଚିଲେ। ସେଠାରେ ସନ୍ଥଙ୍କୁ ବସିଥିବା ଦେଖି କହିଲେ, ମହାରାଜ ! ଆପଣ କାହିଁକି ମୋତେ ସେହି ଦୁଷ୍ଟ ପାଖରେ ଛାଡ଼ି ଚାଲିଆସିଲେ ? ସନ୍ଥ କହିଲେ, ଯେପର୍ଯ୍ୟନ୍ତ ଆପଣ ଏକୁଟିଆ ଥିଲେ, ମୁଁ ଆପଣଙ୍କ ସହ ଥିଲି। ହେଲେ ଆପଣ ଗାଳିକୁ ଯେବେ ଗାଳିର ସାହାରା ନେଲେ ଓ ସେହି ବ୍ୟକ୍ତିଙ୍କୁ ମାରିବା ଲାଗି ଧମକ ଦେଲେ, ମୁଁ ଭାବିଲି ଯେ ଏବେ ତ' ହିଂସା ଆପଣଙ୍କ ସାଥୀରେ ଅଛି। ସେପରି ସ୍ଥିତିରେ ମୋର ଆବଶ୍ୟକତା କ'ଣ ? ସେଥିପାଇଁ ମୁଁ ଫେରିଆସିଲି। ସନ୍ଥଙ୍କ କଥା ଶୁଣି ସାଧକ ନିଜର ଭୁଲ ବୁଝିପାରିଲେ। ସେ ବୁଝିପାରିଲେ ଯେ ଗାଳିର ଜବାବ ଗାଳିରେ ଦେବା ପ୍ରକୃତ ସାଧକର ଧର୍ମ ନୁହେଁ।



# କୋଲେଷ୍ଟରଲ କମ୍‌କରାଏ କାଜୁ



*କାଜୁ ଖାଇବା ଲାଗି ସ୍ୱାଦିଷ୍ଟ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ମଧ ହିତକର। ଏଥିରେ ଭିଟାମିନ ଓ ପ୍ରୋଟିନ୍‌ର ମାତ୍ରା ଅଧିକ ରହିଥାଏ। ଏହାକୁ ଖାଇବା ଲାଭଜନକ ହେବ।*

- *କାଜୁ ହାଡ଼ ଶକ୍ତ କରିବା ସହ ହାର୍ଟ ରୋଗରୁ ମୁକ୍ତି ଦେଇଥାଏ।*
- *ଏହା କୋଲେଷ୍ଟରଲ ପରିମାଣ କମ କରିଥାଏ। ଏହା ଶରୀରରେ ଆଇରନ ପରିମାଣ ବଢ଼ାଇଥାଏ।*
- *ଏହା ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ।*
- *ତ୍ୱଚା ଉଜ୍ଜ୍ୱଳ ଦେଖାଯାଇଥାଏ।*
- *ମସ୍ତିଷ୍କ ରୋଗରୁ ମୁକ୍ତି ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରିଥାଏ।*

# କଲରା ସହ ଭୁଲ୍‌ରେ ବି ଖାଆନ୍ତୁନି ଏସବୁ ଜିନିଷ

କଲରା ଯାହାକୁ ଗ୍ରୀଷ୍ମକାଳୀନ ସୁପରଫୁଡ୍ ମଧ୍ୟ କୁହାଯାଏ। ଏହା ସ୍ୱାଦରେ ତିକ୍ତ କିନ୍ତୁ ପୁଷ୍ଟିସାରର ଏକ ଭଣ୍ଡାର। ଏଥିରେ ଭିଟାମିନ ସି, ଜିଙ୍କ୍, ପୋଟାସିୟମ, ଆଇରନ ଏବଂ ମାଙ୍ଗାନିଜ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଡାଇବେଟିସ୍ ରୋଗୀଙ୍କ ପାଇଁ କଲରା କୌଣସି ଔଷଧଠାରୁ କମ୍ ନୁହେଁ। ଏହାକୁ ଖାଇବାର ଅନ୍ୟାନ୍ୟ ଲାଭ ମଧ୍ୟ ଅଛି ଯେପରିକି ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଏଥିରେ ଥିବା ଭିଟାମିନ ସି' ଆପଣଙ୍କ ତ୍ୱଚା ପାଇଁ ମଧ ଲାଭଦାୟକ। କଲରା ରସ ପିଇବା ଦ୍ୱାରା ଚର୍ମ ଚମକଦାର ଏବଂ ଯୁବାବସ୍ଥା ଦେଖାଯାଏ। ତେବେ ଜାଣନ୍ତୁ କେଉଁ ଜିନିଷ ସହିତ ଆମେ କଲରା ଖାଇବାରୁ ଦୂରେଇ ରହିବା ଉଚିତ... କଲରା ଖାଇବା ଦ୍ୱାରା ଶରୀର ବିଷମୁକ୍ତ ମଧ୍ୟ ରହିଥାଏ। ଆପଣ ଏହାକୁ ଅନେକ ଉପାୟରେ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ। ଖାଦ୍ୟରେ କଲରା ମିଶାଇବାର ଅନେକ ଲାଭ ଅଛି, କିନ୍ତୁ ଯଦି କଲରାକୁ ସଠିକ୍ ଉପାୟରେ ଖିଆଯାଏ, ତେବେ ଏହାର ଅନେକ ଲାଭ ଅଛି ଏବଂ ଯଦି ଏହାକୁ ଖାଇବା ସମୟରେ ଭୁଲ୍ ହୁଏ, ତେବେ ଏହା ଶରୀରକୁ ମଧ କ୍ଷତି ପହଞ୍ଚାଇପାରେ। ଯଦିଓ କ୍ଷୀରରେ କ୍ୟାଲସିୟମ ଏବଂ ଅନେକ ଭିଟାମିନ୍ ଥାଏ ତଥାପି ଏହାକୁ କଲରା ସହିତ ଖାଇବା କ୍ଷତିକାରକ ହୋଇପାରେ। କଲରା ଖାଇବା ପରେ କ୍ଷୀର ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଏବଂ ବଦହଜମୀ ଭଳି ପେଟ ସମସ୍ୟା ହୋଇପାରେ। ଏହା ପାଚନ କ୍ରିୟା ଉପରେ ଖରାପ ପ୍ରଭାବ ପକାଏ। ଆମ୍ବ ହେଉଛି ଫଳର ରାଜା ଏବଂ ଲୋକମାନେ କେବଳ ଆମ୍ବ ଖାଇବା ପାଇଁ ଗ୍ରୀଷ୍ମ ଋତୁକୁ ଅପେକ୍ଷା କରନ୍ତି, କିନ୍ତୁ ଯଦି ଆପଣ କଲରା ସହିତ ଆମ୍ବ ଖାଆନ୍ତି ତେବେ ଏହା ଏସିଡିଟି ଏବଂ ପୋଡ଼ାଜଳା ସୃଷ୍ଟି କରିପାରେ। ଆମ୍ବ ସହିତ କଲରା ଖାଇବା ଦ୍ୱାରା ଆପଣଙ୍କ ପାଚନ ତନ୍ତ୍ରର ସ୍ୱାସ୍ଥ୍ୟ ନଷ୍ଟ ହୋଇପାରେ। ଦହି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଏବଂ ଲୋକମାନେ ଗ୍ରୀଷ୍ମ ଋତୁରେ ଦହି ଖାଇବାକୁ ପସନ୍ଦ କରନ୍ତି କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହାକୁ କଲରା ସହିତ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। କଲରାଙ୍କୁ ଦହି ସହିତ ଖାଇବା ଦ୍ୱାରା ଚର୍ମ ସମସ୍ୟା ଯେପରିକି ଭୂତାଣୁ ଏବଂ କୁଣ୍ଡାଇ ହୋଇପାରେ।





ଏହି ଖାଦ୍ୟ ମିଶ୍ରଣକୁ ସବୁଠାରୁ ଖରାପ ବୋଲି ବିବେଚନା କରାଯାଏ। ମୂଳା ସହିତ କଲରା ଖାଇବା କ୍ଷତିକାରକ। ଉଭୟର ଭିନ୍ନ ଭିନ୍ନ ପ୍ରଭାବ ଯୋଗୁଁ ପେଟ ସମ୍ବନ୍ଧୀୟ ସମସ୍ୟା ଯେପରିକି ଏସିଡିଟି ଏବଂ ଗଳାରେ କାଶ ମଧ୍ୟ ହୋଇପାରେ।

## ଭେଜାପୁଟରେ ମାନସିକଧାରୀଙ୍କ ଦଣ୍ଡନାଚ

ଦାମନଯୋଡି,(ନିପ୍ର): ଓଡ଼ିଶାର ପରମ୍ପରା ଅନୁଯାୟୀ ବୈଶାଖ ମାସରେ ବିଭିନ୍ନ ଦେବୀ ପୀଠରେ କେଉଁଠି ଦଣ୍ଡନାଚ, କେଉଁଠି ଚଡ଼କ ଯାତ୍ରା ତ ଆଉ କେଉଁଠି ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ । ଚୈତ୍ର ପୂର୍ଣ୍ଣିମା ଠାରୁ ଦକ୍ଷିଣ ଓଡ଼ିଶାରେ ଦଣ୍ଡନାଚ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପନ ହୋଇଥାଏ । ଏଥିରେ ମାନସିକଧାରୀ ମାନେ ଭାଗ ନେବା ସହ ନିଜ ନିଜ ସ୍ଥାନରେ ଦଣ୍ଡନାଚ କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ଶିଳ୍ପାଞ୍ଚଳ ଦାମନଯୋଡି ସନ୍ନିକଟ ଭେଜପୁଟ ଗ୍ରାମର ମାନସିକ ଧାରୀମାନେ ଦଣ୍ଡନାଚ ଆୟୋଜନ କରିଥିଲେ । ମାଥାଲପୁଟ ସ୍ଥିତ ମାଆ ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ ଜଗନ୍ନାଥ ସାହୁ ଓ କାଳିସୀ ସଞ୍ଜୟ କୁମାର ପଣ୍ଡା ଆଜ୍ଞାମାଳ ନେଇ ଢୋଲ, ଘଣ୍ଟ, କାହାଳୀ ଆଦି ପାରମ୍ପରିକ ବାଦ୍ୟ ବଜାଇ ଆସିଥିଲେ । ଏହା ପରେ ଧୂଳିଦଣ୍ଡ ଓ ମରିଚମାଳ ନଦୀରେ ପାଣିଦଣ୍ଡ ହୋଇଥିଲା ବେଳେ ରାତିରେ ଭାରତଲୀଳା ନାଟକ ପରିବେଷଣ ହୋଇଥିଲା । ସନ୍ଧ୍ୟାରେ ନଗର ପରିକ୍ରମା କରାଯାଇଥିଲା । ଦଣ୍ଡନାଚ ଦକ୍ଷିଣ ଓଡ଼ିଶାର ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇଥିବାବେଳେ ଏହା ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି ।

## ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ଉତ୍କଳ ଦିବସ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ନିରାକାରପୁର ସ୍ଥିତ ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସଂସଦର ସଭାପତି ବିପିନ ଜୟସିଂହଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବେହେରା, କୋଷାଧ୍ୟକ୍ଷ ହରିବନ୍ଧୁ ସିଂହ, ସଭ୍ୟ ଦେବରାଜ ଜେନା ଏବଂ ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଓଡ଼ିଶା ଗଠନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିବା ସହ ଏହି ଗୌରବମୟ ଦିବସ ପାଳନର ତାତ୍ପର୍ଯ୍ୟ ଓ ସମାଜ ଗଠନରେ କ୍ରୀଡ଼ାବିତ୍‌ମାନଙ୍କ ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ । ଏହି ଅବସରରେ ଅନୁଷ୍ଠାନର ବହୁ ସଦସ୍ୟ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ସଖାସଂଘର ଯୁଗ୍ମ ସମ୍ପାଦକ ହିମାଂଶୁ ଭୂଷଣ ଚମ୍ପତିରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହକାରୀ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କାଶୀନଗର(ନିପ୍ର): କାଶୀନଗର ଗୋଷ୍ଠୀ ଶିକ୍ଷା ବିଭାଗରେ କାର୍ଯ୍ୟରତ ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରୀ ଜେ.ନର୍ମଦା ଦାଶ ଆଜି ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ଦାଶ ନିଜ ଚାକିରୀ ଜୀବନ ଶିକ୍ଷକତାକୁ ଆପଣେଇ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକରେ କାମ କରି ବିଦ୍ୟାଳୟ ମାନଂକରେ ଉତ୍କୃଷ୍ଟ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହ ବିଦ୍ୟାଳୟକୁ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବିଭିନ୍ନ ପ୍ରକାର ଚାରା ରୋପଣ କରି ବିଭାଗ ତରଫରୁ ସମ୍ମାନର ଅଧିକାରିଣୀ ହୋଇଥିଲେ ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ରଣପୁର,(ନିପ୍ର): ନୟାଗଡ ଜିଲ୍ଲା ରଣପୁର ବ୍ଲକର ବରିଷ୍ଠ ସାମ୍ବାଦିକ ରଘୁନାଥ ନାୟକଙ୍କ ମାତା କମଳା ନାୟକ (୮୫)ଙ୍କର ଶାମୁକା ସାହି ସ୍ଥିତ ନିଜ ବାସଭବନରେ ଦେହାବସାନ ଘଟିଥିବା ଖବର ମିଳିଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କର ସରଳ ସ୍ୱଭାବ ଓ ସମାଜସେବା ମନୋଭାବ ପାଇଁ ସେ ସବୁଙ୍କର ପ୍ରିୟ ଥିଲେ ।

## ଟାଙ୍ଗୋଳର ପ୍ରସିଦ୍ଧ ଦୟଣା ଚୋରୀ ଦୋଳ ଯାତ୍ରା ଆରମ୍ଭ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳର ପ୍ରସିଦ୍ଧ ଦୟଣା ଚୋରୀ ଯାତ୍ରା ଆରମ୍ଭ ହୋଇଯାଇଅଛି । ଟାଙ୍ଗୋଳ ଦୟଣା ଚୋରୀ ଯାତ୍ରା ଆସିଲେ ସ୍ଥାନୀୟ ଜନସାଧାରଣଙ୍କ ମନରେ ନାହିଁ ନଥିବା ଉତ୍ସାହ ଦେଖାଯାଇଥାଏ । ଟାଙ୍ଗୋଳ ଗ୍ରାମର ଦୟଣା ଚୋରୀ ଯାତ୍ରା ପଡିଆ ହୋଇଛି ଉତ୍ସବମୁଖର । ଦୟଣାଚୋରୀ ଯାତ୍ରାକୁ ପାଳନ କରିବା ପାଇଁ ଦୋଳପଡିଆରେ ବିଜେ ମଣ୍ଡପରେ ଦୋଳବିମାନରେ ବିରାଜମାନ କରିଛନ୍ତି ବ୍ରଜବିହାରୀ ଦେବ ଓ ବନବିହାରୀ ଦେବ ଏବଂ ଚୋରୀ ଠାକୁର ଭାବରେ ବିରାଜ ମାନ କରିଛନ୍ତି ସୁଦାମ ସୁବଳ । ୩ ଦିନ ଧରି ଯାତ୍ରା ହେଉଥିବା ବେଳେ ଚଳିତ ବର୍ଷ ମହାଆଡମ୍ବରରେ ହେଉଛି ଦୟଣା ଚୋରୀ ଯାତ୍ରା । ସଂସ୍କୃତି ସଂମ୍ପନ୍ନ ଗାଁ ଟାଙ୍ଗୋଳର ଏହି ଯାତ୍ରା ବହୁ ପ୍ରାଚୀନ ପରମ୍ପରା ୧୯୧୮ ମସିହାରୁ ପାରମ୍ପରିକ ଭାବରେ ଯାତ୍ରା ହୋଇଆସୁଛି ଯାତ୍ରାକୁ ପୁରିଲାଣି ୧୦୮ ବର୍ଷ । ନୃସିଂହ ପୁରାଣ ଅନୁସାରେ ରାକ୍ଷସ ପିତା ହିରଣ୍ୟକସ୍ୟପ କବଳରୁ ଭକ୍ତ ପ୍ରହଲ୍ଲାଦ କୁ ରକ୍ଷା କରିବା ପାଇଁ ଭଗବାନ ନୃସିଂହ ନିଜର ନଖରେ ହିରଣ୍ୟକସ୍ୟପକୁ ବଧ କରିଥିଲେ । ବଧ କରି ସାରିବାପରେ ଅସୁର ପେଟର ଅନ୍ତ ନାଡିରୁ ହରହରି ଶୁଭିଥିଲା । ଭଗବାନ ନୃସିଂହ ସେହି ନାଡିକୁ ଚୁପୁଡି ପଇତା କରି ପିନ୍ଧି ଥିଲେ ଏବଂ ଅନ୍ତନାଡିରୁ ବାହାରିଥିବା ରସକୁ ଫୋପାଡିବା ବେଳେ ତାହା ଦେବରାଜ ଇନ୍ଦ୍ରଙ୍କ ବଗିଚାରେ ପଡିଥିଲା । ସେହିଠାରେ ଦୟଣା ଗଛର ସୃଷ୍ଟି ହୋଇଥିବା ଜଣାପଡିଛି ।

## ମା' ହିଙ୍ଗୁଳା ସନାତନ ସଭ୍ୟତାର ଆଧ୍ୟାତ୍ମିକ ଚେତନାର ପ୍ରତୀକ : ଧର୍ମେନ୍ଦ୍ର ପ୍ରଧାନ



ତାଳଚେର,(ନିପ୍ର): ତାଳଚେରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିସ୍ୱରୂପିଣୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ମା'ଙ୍କ ମନ୍ଦିରକୁ ପରିଦର୍ଶନ କରିଥିଲେ । ସେ ମନ୍ଦିରରେ ଦର୍ଶନ କରିବା ସହ ପବିତ୍ର ଉଭା ସ୍ଥଳୀରେ ପୂଜାର୍ଚ୍ଚନା କରିଥିଲେ । ମା'ଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରି ଶ୍ରୀ ପ୍ରଧାନ ନିଜକୁ କୃତାର୍ଥ ମନେ କରିଥିବା ବେଳେ, ମା' ହିଙ୍ଗୁଳାଙ୍କୁ ସନାତନ ସଭ୍ୟତାର ଅନନ୍ୟ ସାଂସ୍କୃତିକ, ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ସୃଷ୍ଟିର ପ୍ରାରମ୍ଭରୁ ଅଗ୍ନିରୂପେ ଅଧିଷ୍ଠିତ ମା' ତାଳଚେରବାସୀଙ୍କୁ ନିରନ୍ତର ଆଶୀର୍ବାଦ ପ୍ରଦାନ କରୁଛନ୍ତି । ଶ୍ରୀମନ୍ଦିର ରୋଷଘରର ଠାକୁରାଣୀ ଭାବେ ବିଶ୍ୱବ୍ୟାପୀ ପରିଚିତ । ଏହି ଅବସରରେ ଶ୍ରୀ ପ୍ରଧାନ ମା'ଙ୍କ ଶ୍ରୀଚରଣରେ ଅନୁଗୋଳ ମାଟିର ଶ୍ରୀବୃଦ୍ଧି ସହ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ସଂକଳ୍ପ ସାକାର ହେବାକୁ ପ୍ରାର୍ଥନା କରିଥିଲେ । ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀଙ୍କ "ସ୍ୱଚ୍ଛତା ହିଁ ସେବା" ଆହ୍ୱାନକୁ ଅନୁସରଣ କରି ମା'ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ । ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହାସହ ଶ୍ରୀ ପ୍ରଧାନ ସପରିବାର ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରିବା ସହ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସମସ୍ତଙ୍କ ମଙ୍ଗଳ ଓ ଶାନ୍ତି ପାଇଁ ମା'ଙ୍କ ପାଖରେ ସେ ପ୍ରାର୍ଥନା କରିଥିଲେ । ଏହି ସମୟରେ ଅନୁଗୋଳ ଜିଲ୍ଲାର ବଣ୍ଟଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଗାଁରେ ମଧ୍ୟ ମା' ହିଙ୍ଗୁଳାଙ୍କ ଯାତ୍ରା ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଥିଲା ।

## ସାରହୁଲ ପୂଜା ଖାଦୀ ମହୋତ୍ସବକୁ ନେଇ ଶୋଭାଯାତ୍ରା

ରାଉରକେଲା,(ନିପ୍ର): ସାରହୁଲ ପୂଜା ଖାଦୀ ମହୋତ୍ସବକୁ ନେଇ ଲୋରେଟୋ ସ୍କୁଲ ପଛରେ ଥିବା ସାରନା ଠାକୁରାଣୀ ପୂଜା ପାଡହା ପାଇଁ ପୂଜା ଏବଂ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ପୂଜାସ୍ଥଳରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ଜମିଥିଲା । ପୂଜା ପାଇଁ ଓରାମପଡା ସାରନା ପୂଜା କମିଟିର ଲୋକମାନେ ନୂତନ ଧାନ, ଫଳ, ସାରାଇ ଏବଂ ଫୁଲ ପ୍ରଦାନ କରିଥିଲେ । ପୂଜା ସକାଳ ୧୧ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ପୂଜନ କରିଥିଲେ ଗହନୁ ଏକ୍କା, ଚାମରା ମିଞ୍ଜ, ହରବୁ ଓରାମ, ଭୀମା ଟପ୍ପୋଙ୍କ ନେତୃତ୍ୱରେ ପୂଜା କରାଯାଇଥିଲା । ଯେଉଁଥିରେ ଶହ ଶହ ଭକ୍ତ ପୂଜା କରିଥିଲେ । ଏହା ପରେ ପୂଜାପାଠ



ସ୍ଥାନରେ ପତାକା ଉତ୍ତୋଳନ କରାଯାଇଥିଲା । ରୀତିନୀତି ଅନୁଯାୟୀ ପୂଜା କରାଯିବା ପରେ ପାରମ୍ପାରିକ ଡ୍ରମ୍ ସହିତ ପୂଜା ସ୍ଥାନରୁ ଏକ ଶୋଭାଯାତ୍ରା ବାହାର କରାଯାଇ ଉଦିତନଗର ବିରଜାପାଲି, ଉଦିତନଗର ଆମ୍ବେଦକର ଛକ ଦେଇ ଓରାମ ପଡାରେ ପହଞ୍ଚିଥିଲା । ଯେଉଁଥିରେ ବୁଦ୍ଧନାଥ କେର୍କେଟ୍ଟା, ଫାଗୁ କେର୍କେଟ୍ଟା, ଅମରନାଥ ଓରାମ, ଗଜେନ୍ଦ୍ର ତିର୍କୀ, ଦୀପକ ଓରାମ, ଲାଖୋ ଟପ୍ପୋଙ୍କ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରେ ପାରମ୍ପାରିକ ନୃତ୍ୟ ଏବଂ ଗୀତର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପୂଜା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

## ପାରମ୍ପରିକ ପୋଷାକ ପରିଧାନ ଦିବସ

କେନ୍ଦ୍ରାପଡ଼ା,(ନିପ୍ର): ଆମ ସଂସ୍କୃତି ଉତ୍କଳୀୟ ସଂସ୍କୃତି ଅଟେ,ଆମ ପରମ୍ପରାକୁ ସାରା ବିଶ୍ୱ ସମ୍ମାନ ଦେଇଥାଏ । ଆମ ପୋଷାକକୁ ଅନ୍ୟ ରାଜ୍ୟରେ ଠାକୁରଦେଶର ପୋଷାକ ବୋଲି ବିବେଚନା କରନ୍ତି । ଆମେ ଓଡ଼ିଆ ଆମ ପରମ୍ପରା ଭାରି



ବଢିଆ । ସାରା ଓଡିଶାର ଜନତାଙ୍କ ପାଇଁ ପାରମ୍ପରିକ ପୋଷାକ ପରିଧାନ ଦିବସର ଆବଶ୍ୟକତା ରହିଛି କାରଣ ଆମ ପୋଷକ ଆମ ପରିଚୟ । ଏଥିପାଇଁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ଭାଇ ଭଉଣୀଙ୍କୁ ଅନୁରୋଧ କରାଯାଉଛି ସେମାନେ ପାଶ୍ଚାତ୍ୟ ସଭ୍ୟତାର ଅନୁଗାମୀ ନ ହୋଇ ଆମ ପାରମ୍ପରିକ ପୋଷକ, ଖାଦ୍ୟ ଓ ଚଳଣି ପ୍ରତି ରୁଚି ରଖିବା ଉଚିତ । ଏଠାରେ କହି ରଖୁ କି ଆମ ଉତ୍କଳୀୟ ପରମ୍ପରା ପରି ସଂସ୍କୃତି ଠାରୁ ଉନ୍ନତ ଅନ୍ୟ କେଉଁ ଠାରେ ନାହିଁ । ଯେଉଁ ବୟସ୍କ ବୃଦ୍ଧା ଆଜୀବନ ଧୋତି ଓ ପଞ୍ଜାବୀ ପିନ୍ଧି ଜୀବନ ଅତିବାହିତ କରିଥାନ୍ତି, ସେପରି କିଛି ବୟସ୍କଙ୍କୁ ଏକତ୍ର କରାଯାଇଥିଲା ।

## ଏପ୍ରିଲ୍ ୧୩ ଓ ୧୪ ପାଳନ ହେବ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨।୪: ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ଚଳିତ ମାସ ଅପ୍ରିଲ୍ ୧୩ ଓ ୧୪ ଦୁଇ ଦିନ ଧରି ପାଳିତ ହେବ । ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ଏହି ଉତ୍ସବକୁ ଅପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଭୁବନେଶ୍ୱର ମହାନଗର ନିଗମ କମିସନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ । ବୈଠକରୁ ମିଳିଥିବା ବିବରଣୀ ଅନୁସାରେ, ରାଜଧାନୀ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ତାରିଖ ପୂର୍ବାହ୍ଣରେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ । ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ । ଏହା ସହିତ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ । ସେହପରି ଉତ୍ସବ ଉପଲକ୍ଷେ ଜୟଦେବ ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରାତଃକାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆରଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି । ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଉତ୍ସବର ଦ୍ୱିତୀୟ ଦିନ ଏପ୍ରିଲ ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ । ଦୁଇଦିନ ଧରି ଉତ୍ସବରେ ବିଭିନ୍ନ ଅତିଥିମାନେ ଯୋଗଦେବେ ।

## କାଶୀନଗରରେ ଓଡିଶା ଦିବସ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଓ ଏନଏସିର ବିଭିନ୍ନ ଅନୁଷ୍ଠାନମାନଙ୍କରେ ଓଡିଶା ଦିବସ ପାଳିତ ହୋଇଛି । ବିଜୁ କ୍ରୀଡା ଭବନ ଠାରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଅଧ୍ୟକ୍ଷା ଏମ ସୁଦ୍ଧା ରାଣୀ, ସମାଜସେବୀ ହୃଷିକେଶ ଗୌଡ଼, ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ ପ୍ରମୁଖ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ କାଶୀନଗର କସ୍ତୁରିବା ବିଦ୍ୟାଳୟର ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରି ରାଷ୍ଟ୍ର ସଂଗୀତ ଗାନ କରି ପରିକ୍ରମା କରିଥିଲେ । ଓଡ଼ିଆ ପକ୍ଷ ପାଳନ ଅବସରରେ ପଞ୍ଚାୟତ ସଦ୍‌ଭାବନା ଗୃହ ମଧ୍ୟରେ ବିଡ଼ିଓ ଡ଼ମ୍ବୁରୁଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଭାଷାବିତ୍ ହୃଷିକେଶ ଗୌଡ଼, କବି ପ୍ରଶାନ୍ତ ମିଶ୍ର ଓ ସାମ୍ବାଦିକ ଆନନ୍ଦ ପାତ୍ରଙ୍କ ଉପସ୍ଥିତରେ ଉତ୍କଳ ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ହୋଇଥିଲା ।

ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଗଜପତି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ବଂଶ ଧାରା ପାଠାଗାରର ମିଳିତ ସହାଭାଗିତାରେ ଓଡିଶା ଦିବସର ଆଲୋଚନା ଚକ୍ର ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦ୍ୱିଜେନ୍ଦ୍ର ପାଢ଼ୀ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ଓ ସ୍ଥାନୀୟ ଥାନା ଅଧିକାରୀ ତ୍ରିନାଥ ସେଠୀ ଯୋଗ ଦେଇଥିଲେ ।

## ସହରାଞ୍ଚଳରେ ପିଏନଜି ସଂଯୋଗ ବାଧ୍ୟତାମୂଳକ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨।୪: ସବୁ ସହରାଞ୍ଚଳ ପାଇଁ ପିଏନଜି ସଂଯୋଗ ବାଧ୍ୟତାମୂଳକ । ତୈଳ କମ୍ପାନୀ ସହ ବୈଠକ ପରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସହରାଞ୍ଚଳରେ ୩ ମାସ ମଧ୍ୟରେ ପିଏନଜି ସଂଯୋଗ ଦିଆଯିବ । ସ୍ଥାୟୀ ବାସିନ୍ଦାଙ୍କ ସହ ଭଡ଼ାରେ ରହୁଥିବା ବ୍ୟକ୍ତି ବି ପିଏନଜି ସୁବିଧା ପାଇବେ । ତେବେ ଗ୍ରାମାଞ୍ଚଳ ପାଇଁ ଏଲପିଜି ସିଲିଣ୍ଡର ଯୋଗାଣ ପୂର୍ବପରି ଜାରି ରହିବ । ଗ୍ୟାସ୍ କଳାବଜାରୀ ରୋକିବାକୁ ଇ-କେଓ୍ୱାଇସି ବ୍ୟବସ୍ଥା ଆପଣାଯିବ । ଇ-କେଓ୍ୱାଇସି ସରିଗଲେ କେହି ଆଉ କାହା ନାଁରେ ଗ୍ୟାସ୍ ନେଇପାରିବେନି । ତେବେ ଯେଉଁମାନେ ପିଏନଜି ସଂଯୋଗ ନେଇଛନ୍ତି, ସେମାନଙ୍କୁ ଏଲପିଜି ମନା ବୋଲି ମନ୍ତ୍ରୀ କହିଛନ୍ତି । ୩ ମାସ ମଧ୍ୟରେ ରାଜ୍ୟର ବଡ଼ ବଡ଼ ସହର ଗୁଡିକରେ ପିଏନଜି କନେକ୍ସନ ପାଇଁ କମ୍ପାନୀ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ତେବେ ସହରାଞ୍ଚଳ ଗୁଡିକରେ ଭଡା ନେଇଥିବା ଲୋକ ମଧ୍ୟ ପିଏନଜି କନେକ୍ସନ ନେଇ ପାରିବେ । ବୈଠକରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଯୋଗାଣ ସଚିବ ଓ ତେଲ କମ୍ପାନୀର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ପ୍ରଥମ ଡିଜିଟାଲ୍ ଜନଗଣନା-୨୦୨୬ ଶୁଭାରମ୍ଭ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାରେ ଡିଜିଟାଲ୍ ଜନଗଣନା ୨୦୨୬ର ପ୍ରଥମ ପର୍ଯ୍ୟାୟ ସ୍ୱୟଂ-ଗଣନା ଆଜି ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ସରକାରୀ ପୋର୍ଟାଲ୍ (se.census.gov.in) ମାଧ୍ୟମରେ ସମ୍ପନ୍ନ ହେଉଛି । ଶୁଭାରମ୍ଭରେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ



ଅଧିକାରୀ ସୁଭେନ୍ଦ୍ର ସାମଲ, ଅତିରିକ୍ତ ସଚିବ କ୍ରୀଡା ବିଭାଗ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକନାମଣ୍ଡଳ, ପ୍ରମିଳା ମଲ୍ଲିକ, ଶ୍ୱେତାଶ୍ରୀ ମହାପାତ୍ର, ଡେପୁଟି କଲେକ୍ଟର (ଜନଗଣନା) ଏବଂ ବିଭିନ୍ନ ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି । ଡିଜିଟାଲ୍ ଜନଗଣନାର ଏହି ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ସ୍ୱ-ଗଣନାରେ ଅଂଶଗ୍ରହଣ କରିଛନ୍ତି ।

ଏହି ଡିଜିଟାଲ୍ ଜନଗଣନାର ବିଶେଷତ୍ୱ ହେଉଛି ଯେ, ଗଣନାକାରୀ ଆଇଡି ତୁରନ୍ତ ପ୍ରସ୍ତୁତ କରାଯିବ ଏବଂ ସାଧାରଣ ଜନତା ମୋବାଇଲ୍ ନମ୍ବର ମାଧ୍ୟମରେ ନିଜ ଘରକୁ ଗଣନା କରିପାରିବେ । ଡିଜିଟାଲ୍ ମାଧ୍ୟମରେ ଏହି ଗଣନା ପ୍ରଥମ ଥର ଆରମ୍ଭ ହୋଇଛି । ଫଳରେ ଗଣନା ପ୍ରକ୍ରିୟା ଅଧିକ ସହଜ ଏବଂ ସ୍ୱଚ୍ଛ ହେବ । ଯେଉଁଠି ସରକାରୀ ପୋର୍ଟାଲ୍ ମାଧ୍ୟମରେ ଗଣନା କାର୍ଯ୍ୟ ଚାଲିବ । ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ଡିଜିଟାଲ୍ ଗଣନାରେ ଅଂଶଗ୍ରହଣ କରି ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଡିଜିଟାଲ୍ ଜନଗଣନା ୨୦୨୬ ର ଶୁଭାରମ୍ଭ ଜନଗଣନା ପ୍ରକ୍ରିୟାରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରୁଛି ।

## ତେଲକୋଇ ବିଧାୟକ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ



କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲାର ତେଲକୋଇ ବିଧାୟକ ଡଃ ଫକୀରମୋହନ ନାୟକ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ଏହି ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି । ତାଙ୍କର ନୂତନ ନିଯୁକ୍ତି ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ,ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା,ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ,ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ଯଜ୍ଞପ୍ରସାଦ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇବା ସହ ବିକଶିତ ଓଡିଶାକୁ ଆଗେଇ ନେବା ସହ କେନ୍ଦୁଝର ଜିଲ୍ଲାକୁ ରାଜ୍ୟର ଏକ ନମ୍ବର ଜିଲ୍ଲା ଭାବେ ଗଢିତୋଳିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ପ୍ରଥମ ଥର ବିଧାୟକ ଭାବେ ବିଜୟ ଲାଭ କରି ନିର୍ବାଚନର ଦୁଇବର୍ଷ ପରେ ଜଣେ ରାଷ୍ଟ୍ରମନ୍ତ୍ରୀ ଭାବେ ବିଭିନ୍ନ ସୁବିଧା ସୁଯୋଗ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପାଉଥିବାବେଳେ ଦଳୀୟ ଆନୁଗତ୍ୟ ଓ ନିଜର ବିଶେଷ ସକ୍ରିୟ ଭୂମିକା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ଆଲୋଚନା ହୋଇଛି ।

## ରାଜ୍ୟରେ ପୁଣି କଡ଼ାକଡ଼ି ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ ଇ-ଡିଟେକସନ ବ୍ୟବସ୍ଥାରେ କଟିବ ଚାଲାଣ

କଟକ,୨।୪(ନିପ୍ର): ଆଜିଠାରୁ ରାଜ୍ୟରେ ପୁଣି କଡ଼ାକଡ଼ି ଆରମ୍ଭ ହୋଇଛି ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ । ପିୟୁସିସି ନଥିଲେ ଟୋଲଗେଟରେ ଇ-ଡିଟେକସନ ବ୍ୟବସ୍ଥାରେ କଟିବ ଚାଲାଣ । ରାଜ୍ୟ ସରକାର ଏପ୍ରିଲ ୧ ପର୍ଯ୍ୟନ୍ତ ପିୟୁସିସିକୁ କୋହଳ କରିଥିଲେ । ରାଜ୍ୟରେ ବାୟୁର ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି । ପରିବହନରେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଓଡିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ର ରହିଛି । ଅନେକ ଗାଡ଼ି ମାଲିକ ଏହାର ବ୍ୟାପକ ଉଲ୍ଲଙ୍ଘନ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପିୟୁସିସି ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା । କିନ୍ତୁ ଜନସାଧାରଣ ଏ ନେଇ ସଚେତନ ନ ଥିବାରୁ ପିୟୁସିସି ଯାଞ୍ଚକୁ କୋହଳ କରିଥିଲେ ରାଜ୍ୟ ସରକାର । ଏପ୍ରିଲ ୧ ପର୍ଯ୍ୟନ୍ତ ଏହି କୋହଳ ଲାଗୁଥିବା ବେଳେ ଆଜିଠାରୁ ପୁନଶ୍ଚ ପିୟୁସିସି ଯାଞ୍ଚ କଡ଼ାକଡ଼ି କରାଯାଇଛି ।

## ଭଦ୍ରକରେ ୯୧ ତମ ଓଡ଼ିଶା ଦିବସ

ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲାରେ ୯୧ ତମ ଓଡ଼ିଶା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହର୍ଷୋଲ୍ଲାସର ସହିତ ପାଳିତ ହୋଇଛି । ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା, କ୍ରିଡା ଓ ଯୁବସେବା ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ଓଡ଼ିଶାର ଐତିହ୍ୟ ,ସାହିତ୍ୟ ଓ ସଂସ୍କୃତିର ମହତ୍ୱ ବିଷୟରେ ଅଭିଭାଷଣ ଦେଇ ସମସ୍ତଙ୍କୁ ଓଡିଆ ଭାଷା ଓ ପରିଚୟକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ ।

# ମା' ଉଗ୍ରତାରାଙ୍କ ବଡ଼ ଭଉଣୀଙ୍କ ପୀଠ ଅବହେଳିତ

### ସରକାରୀ ସହାୟତା ପାଇଁ ଗ୍ରାମବାସୀଙ୍କ ଦାବି




ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ତନ୍ତ୍ର ପୀଠ ଭାବେ ବିଖ୍ୟାତ ମା' ଉଗ୍ରତାରାଙ୍କ ପୀଠ ସରକାରୀ ଅନୁଦାନ ପାଇ କ୍ରମାଗତ ଭାବେ ଉନ୍ନତି ପଥରେ ଅଗ୍ରସର ହେଉଥିବା ବେଳେ, ତାଙ୍କରି ବଡ଼ ଭଉଣୀ କୁହାଯାଉଥିବା 'ମା' ହାତୀଆଶୁଣି'ଙ୍କ ମନ୍ଦିର ଆଜି ବି ଚରମ ଅବହେଳାର ଶିକାର ହୋଇଛି । ହାତିଆ ପାହାଡ଼ର ପାଦଦେଶରେ ବିରାଜମାନ କରୁଥିବା ଗ୍ରାମଦେବତୀ ମା' ହାତୀଆଶୁଣିଙ୍କ ମହିମା ଅପାର ହୋଇଥିଲେ ସୁଦ୍ଧା, ମନ୍ଦିରର ବିକାଶ ଶୂନ ହୋଇ ରହିଛି । ସ୍ଥାନୀୟ ମୁଳିଝର ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ମା' ହାତୀଆଶୁଣିଙ୍କ ନାମରେ ନିଜସ୍ୱ ଜମି ରହିଛି (ଖାତା ନମ୍ବର- ୨୮୭, ପ୍ଲଟ ନମ୍ବର- ୧୮୬, ଏରିଆ- ୦.୦୮୬ ଡିସିମିଲ ଏବଂ ପ୍ଲଟ ନମ୍ବର- ୧୮୭, ଏରିଆ- ୧୭୦ ଡିସିମିଲ) । ଏତେ ପରିମାଣର ଜମି ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ ମନ୍ଦିରର କୌଣସି ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ । ମା' ଉଗ୍ରତାରାଙ୍କ ପୀଠରେ ଆମିଷ ଭୋଗ ଲାଗୁଥିବା ବେଳେ ମା' ହାତୀଆଶୁଣିଙ୍କୁ ଗଜଲକ୍ଷ୍ମୀ ଭାବେ ବିବେଚନା କରାଯାଏ ଓ ସେଠାରେ ସମ୍ପୂର୍ଣ୍ଣ ସାତ୍ତ୍ୱିକ ବା ସାଧା ଭୋଗ ଅର୍ପଣ କରାଯାଏ । ଚାରିପାଖରେ କୌଣସି ସୀମା ପ୍ରାଚୀର ନାହିଁ । ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳର ସୁବିଧା ନାହିଁ । ଚଳିତ ବର୍ଷ ଏକ ଛୋଟ ରୋଷେଇ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ସେଠାକୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ । ମା' ତାରାଦେବୀଙ୍କ ପୀଠରୁ ଜଣେ ବ୍ରାହ୍ମଣ ଆସି ସକାଳେ ପୂଜାର୍ଚ୍ଚନା କରି ଚାଲିଯାଉଛନ୍ତି, କିନ୍ତୁ ସବୁ ସମୟରେ ପୂଜକ ଉପସ୍ଥିତ ରହୁନାହାନ୍ତି । ଏହି ବିଷୟରେ ମା' ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବ୍ର ସଭାପତି ରବୀନ୍ଦ୍ର କୁମାର ଭୂଜୁବଳ କହିଛନ୍ତି ଯେ, ସରକାର ସାନ ଭଉଣୀ ମା' ଉଗ୍ରତାରାଙ୍କ ମନ୍ଦିରକୁ ଯେତିକି ପ୍ରାଧାନ୍ୟ ଦେଇଛନ୍ତି, ବଡ଼ ଭଉଣୀ ମା' ହାତୀଆଶୁଣିଙ୍କ ପୀଠକୁ ସେତିକି ଗୁରୁତ୍ୱ ଦିଆଯାଇ ନାହିଁ । ଗ୍ରାମର ବରିଷ୍ଠ ବ୍ୟକ୍ତି ଗୋପୀନାଥ ପାଇକରାୟ ଓ ଗଜେନ୍ଦ୍ର ସ୍ୱାଇଁ କ୍ଷୋଭର ସହ କହିଛନ୍ତି ଯେ, ମା' ସମସ୍ତଙ୍କ ଦୁଃଖ ହରଣ କରୁଥିବା ବେଳେ ଆଜି ଯାଏଁ ସେଠାକୁ ବିଦ୍ୟୁତ ତାର ଟଣାଯାଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯଦି ସରକାରୀ ଅନୁଦାନ ଟିକେ ମିଳନ୍ତା, ତେବେ ଏହି ପ୍ରାଚୀନ ପୀଠର ଉନ୍ନତି ହୋଇପାରନ୍ତା । ମା' ହାତୀଆଶୁଣି ମନ୍ଦିରକୁ ସରକାରୀ ଟ୍ୟାଗ୍ ପ୍ରଦାନ କରିବା ସହ ତୁରନ୍ତ ସରକାରୀ ଅର୍ଥ ମଞ୍ଜୁର କରି ବିକାଶମୂଳକ କାର୍ଯ୍ୟ କରିବା ପାଇଁ ମୁଳିଝର ଗ୍ରାମବାସୀ ତଥା ମା' ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବର ସଭାପତି ରବୀନ୍ଦ୍ର କୁମାର ଭୂଜୁବଳ, ଉପ-ସଭାପତି ଜୀବନ କୁମାର ବିଶ୍ୱାଳ, ସମ୍ପାଦକ ଗର୍ମୀ ରଞ୍ଜନ ବିଶ୍ୱାଳ ଏବଂ କୋଷାଧ୍ୟକ୍ଷ ହରିବନ୍ଧୁ ଜେନା ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ବିଧିବଦ୍ଧ ଭାବେ ଦାବି ଓ ଅନୁରୋଧ କରିଛନ୍ତି ।

ତିଥି :(ପ୍ରତିପଦା): (ଚିତ୍ରା କନ୍ୟା)
ଅମୃତ ବେଳା:ରାତ୍ରୀ ଘ ୫।୪୨ ଗତେ ଘ ୫।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଣୁ ତୁମେ ସବୁ ସମୟରେ ମୋତେ ସ୍ମରଣ କର ଓ ଯୁଦ୍ଧ ବି କର। ତୁମେ ମୋ'ଠାରେ ତୁମର ମନ ଓ ବୁଦ୍ଧି ଅର୍ପଣ କଲେ ନିଃସନ୍ଦେହରେ ମୋତେ ହିଁ ପ୍ରାପ୍ତ ହେବ।।। - ଶ୍ରୀମଦ୍ ଭଗବଦ୍ ଗୀତା

# ଖାଇବା ତେଲରେ ଚଡ଼କ

ଆମ ଦେଶର ଖାଦ୍ୟ ବା ଖାଇବା ତେଲ ଚାହିଦା ସାଧାରଣ ସମୟରେ ବୃଦ୍ଧି ପାଇଥିବା ବେଳେ ଉତ୍ପାଦନ ମଧ୍ୟ ତାହାକୁ ତାଳ ଦେଇ ଚାଲିଛି। ଏକ ଆକଳନ ଅନୁଯାୟୀ ୨୦୨୨-୨୩ ମସିହାରେ, ସହରାଞ୍ଚଳରେ ଜଣେ ସାଧାରଣ ଭାରତୀୟ ପ୍ରତିବର୍ଷ ପ୍ରାୟ ୧୨ କିଲୋଗ୍ରାମ ଖାଇବା ତେଲ ବ୍ୟବହାର କରୁଥିଲେ, ଏବଂ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ପ୍ରତିବର୍ଷ ପ୍ରାୟ ୧୧ କିଲୋଗ୍ରାମ ବ୍ୟବହାର କରୁଥିଲେ। ଅଥଚ ୨୦୦୪-୦୫ ମସିହାରେ, ବ୍ୟବହାର ପ୍ରତିବର୍ଷ (ସହରାଞ୍ଚଳରେ) ପ୍ରାୟ ୮ କିଲୋଗ୍ରାମ ଏବଂ ପ୍ରତିବର୍ଷ (ଗ୍ରାମାଞ୍ଚଳରେ) ପ୍ରାୟ ୬ କିଲୋଗ୍ରାମ ରହିଥିଲା।ମଧ୍ୟପ୍ରାଚ୍ୟ ସଂଘର୍ଷର ପ୍ରଭାବ ଭାରତୀୟ ପରିବାର ଉପରେ ପଡ଼ିବା ଆରମ୍ଭ କରିଛି। କେବଳ ଏଲପିଜି ଅଭାବ ନୁହେଁ ଖାଇବା ତେଲର ଦରବୃଦ୍ଧି ଲୋକଙ୍କୁ ବାଧିଲାଣି। ରୋଷେଇ ଘରେ ଅଧିକାଂଶ ଖାଦ୍ୟ ତେଲ ବ୍ୟବହାର ଉପରେ ନିର୍ଭର କରେ। ତେବେ ବିଡ଼ମ୍ବନା ଯେ ଭାରତ ଏହାର ଚାହିଦା ପୂରଣ କରିବା ପାଇଁ ଆମଦାନି ଉପରେ ଅତ୍ୟଧିକ ନିର୍ଭର କରେ।

ଆମ ରାଜ୍ୟରେ ଏବେ ବିଭିନ୍ନ ବ୍ରାଣ୍ଡର ଖାଇବା ତେଲର ମୂଲ୍ୟ ବୃଦ୍ଧି ପାଇଥିବା ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗୃହିଣୀଙ୍କୁ ଚିନ୍ତାରେ ପକାଇଛି। କୁହାଯାଉଛି ଯେ ଏବେ, ଇଣ୍ଡୋନେସିଆ ସରକାରଙ୍କ ନୂତନ ନିୟମ ଅନୁଯାୟୀ, ଇଣ୍ଡୋନେସିଆ ଉତ୍ପାଦିତ ପାମ୍ ତେଲର ୫୦ ପ୍ରତିଶତ ବାୟୋଡିଜେଲ ପାଇଁ ସଂରକ୍ଷଣ କରିବ। ଏହା ଯୋଗୁଁ, ପାମ୍ ତେଲ ଯୋଗାଣ ୫୦ ପ୍ରତିଶତ ହ୍ରାସ ପାଇବ।ଅନ୍ତର୍ଜାତୀୟ ବଜାରରେ ପାମ୍ ତେଲର ଅଧିକ ଚାହିଦା ଥିବାରୁ, ଏହି ତେଲର ମୂଲ୍ୟ ବୃଦ୍ଧି ପାଉଛି।

ମାସକ ପୂର୍ବରୁ ଯେଉଁ ସବୁ ତେଲ ୧୫୦ରୁ ୧୬୦ ଟଙ୍କା ଥିଲା । ତାହା ଏବେ ୧୭୫ ଟଙ୍କାରୁ ୧୯୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ଖାଇବା ତେଲ ପୂର୍ବ ଭଳି ଦରରେ ମିଳୁ ନ ଥିବାରୁ ମନେ କରାଯାଉଛି ଯେ ବେଆଇନ ଭାବରେ ଏହା ଗଚ୍ଛିତ କରାଯାଉଛି କି ? ନିକଟରେ ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଖାଦ୍ୟଶସ୍ୟ, ଔଷଧ, ଇନ୍ଧନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ସୁଗମ ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରିଥିବା ଦୃଷ୍ଟିରୁ ଯୋଗାଣ ଶୃଙ୍ଖଳ, କଳାବଜାରୀ କିମ୍ବା ଗଚ୍ଛିତ ରଖିବାରେ କୌଣସି ବାଧାକୁ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ ଘଣ୍ଟା କାର୍ଯ୍ୟ ମୋଡ୍‌ରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍କ୍ୱାଡ୍ ଯଦି ଠିକ୍ ଭାବରେ କାର୍ଯ୍ୟକାରୀ କରେ ତେବେ ବେଆଇନ ଭାବରେ ଖାଇବା ତେଲର ଭଣ୍ଡାରଣ କେବଳ ନୁହେଁ ଅଧିକନ୍ତୁ ସମ୍ଭାବ୍ୟ କଳାବଜାରୀ ଏଡାଯାଇପାରିବ ବୋଲି ବିଶ୍ୱାସ କରାଯାଏ।

# ଉତ୍ତମ ଶୁକ୍ରବାର ବାର୍ତ୍ତା

**ବ୍ରଜକାନ୍ତ ସିଂ**

ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ପବିତ୍ର ବାଇବଲ ଅନୁସାରେ ଦୁଇ ହଜାର ବର୍ଷ ପୂର୍ବେ ଆଜିର ଶୁକ୍ରବାର ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ସମସ୍ତ ମାନବଜାତିକୁ ପାପରୁ ପରିତ୍ରାଣ ବା ମୁକ୍ତି କରିବା ନିମନ୍ତେ କୃଶୀୟ ଦଣ୍ଡ ପାଇ ନିଜ ପବିତ୍ର ରକ୍ତ ଝରାଇ କୃଶ ଉପରେ ନିଜ ଜୀବନକୁ ବଳିଦାନ କଲେ । ଏଣୁ ଆଜିର ଦିନକୁ "ଶୁଭ ଶୁକ୍ରବାର ବା ଉତ୍ତମ ଶୁକ୍ରବାର ଓ ଇଂରାଜୀରେ ଗୁଡ ଫ୍ରାଇଡେ ବୋଲି କୁହାଯାଏ ।

ବିଶେଷ କରି ଏହି ଦିନରେ ପ୍ରଭୁଯୀଶୁଙ୍କ ଏହି ମୃତ୍ୟୁ ଦିବସକୁ ସ୍ମରଣ କରି ଖ୍ରୀଷ୍ଟଅବଲମ୍ବୀମାନେ ଉପବାସ ରହି, ଗୀର୍ଜା ଯାଇ ପ୍ରାର୍ଥନା ଉପାସନା ଓ କ୍ରୁଶ ଉପରେ ପ୍ରଭୁ ଯୀଶୁ କହିଥିବା ବାଣୀଗୁଡିକୁ ମଧ୍ୟ ପବିତ୍ର ବାଇବଲରୁ ବାକ୍ୟ ଶ୍ରବଣ କରନ୍ତି । ପବିତ୍ର ବାଇବଲ କହେ ଯେ, ସେ ଜଣେ ନିଷ୍ପାପୀ ଓ ନିର୍ଦ୍ଦୋଷ ହେଲେ ମଧ୍ୟ ତାଙ୍କୁ କ୍ରୁଶ ଦଣ୍ଡ ଯାହା ସର୍ବୋଚ୍ଚ ଦଣ୍ଡ ଦିଆଗଲା (କ୍ରୁଶକାଠରେ ବାନ୍ଧି ଝୁଲାଇବା) । କିନ୍ତୁ ତାଙ୍କୁ କ୍ରୁଶକାଠରେ ନ ବାନ୍ଧି ଦୁଇ ହାତରେ କଣ୍ଟା ବାଡ଼େଇ ଓ ଦୁଇ ଗୋଡ ଛନ୍ଦି କଣ୍ଟା ବାଡ଼େଇ ଝୁଲାଇ ଦିଆଗଲା; ପୁଣି ମୁଣ୍ଡରେ



କଣ୍ଟାର ମୁକୁଟ ପିନ୍ଧାଇ ଦିଆଗଲା ଫଳରେ କ୍ରୁଶ ଉପରେ ସେ ଅଧିକ ଯନ୍ତ୍ରଣା ପାଇବ । ଏହା ପୂର୍ବରୁ ତାଙ୍କୁ ୩୯ ଥର କୋରଡ଼ା ପ୍ରହାର, ଅନେକ ମାଡ଼, ମୁହଁରେ ଛେପ ଓ ଦୁଃଖ ଦିଆଗଲା । ଏପରିକି ସେ ଯେଉଁ କ୍ରୁଶ କାଠ ଉପରେ ଝୁଲି ଥିଲେ ସେହି ବହୁ ଓଜନ ବିଶିଷ୍ଟ କ୍ରୁଶକୁ ବୋହି ମାଡ଼ ଖାଇ ଅତି ଦୟନୀୟ ଅବସ୍ଥାରେ ମଧ୍ୟ ବୋହି ବୋହି ପର୍ବତକୁ ଚଢିଥିଲେ ।

ପ୍ରଭୁଯୀଶୁଙ୍କ ବିଚାର ମଧ୍ୟ ଅତି ଆଶ୍ଚର୍ଯ୍ୟଜନକ ଥିଲା । ପ୍ରଥମତଃ ଯୀଶୁଙ୍କ ମୃତ୍ୟୁ ବିଷୟ ପ୍ରାୟ ୭୦୦ ବର୍ଷ ପୂର୍ବେ ଯିଶାଇୟ ଭବିଷ୍ୟଦବକ୍ତା ଭବିଷ୍ୟବାଣୀ କହିଥିଲେ । ଦ୍ୱିତୀୟତଃ ତାହାଙ୍କୁ ବିଚାର କରୁଥିବା ଦୁଇ ରାଜ୍ୟର ବିଚାରକର୍ତ୍ତା ଦୀର୍ଘଦିନର ଶତ୍ରୁ ଥିଲେ ମାତ୍ର ଦୁହେଁ ଅତି ଘନିଷ୍ଠ ବନ୍ଧୁ ହୋଇଗଲେ । ତୃତୀୟତଃ ବିଚାରକର୍ତ୍ତା ଅଭିଯୋଗକାରୀମାନଙ୍କୁ ପଚାରିଲେ, ଯାହାଙ୍କୁ ତୁମ୍ଭେ ଅଭିଯୋଗ କରୁଅଛ ତାହା ପ୍ରତି ଆମ୍ଭେ କଅଣ କରିବା ? ସେମାନେ କହିଲେ, ତାହାକୁ କ୍ରୁଶରେ ଚଢାଅ । ବାସ୍ତବରେ ଜଣେ ବିଚାରପତି ଅଭିଯୋଗକାରୀଙ୍କୁ ପଚାରି ଦଣ୍ଡ ଶୁଣାଏ ନାହିଁ ବରଂ ଉଭୟ ପକ୍ଷ ଶୁଣି ତାହାର ରାୟ ପ୍ରଦାନ କରିଥାଏ, ନଚେତ ବିଚାର– ଅନ୍ୟାୟ ବିଚାର ଓ ପକ୍ଷପାତ ବିଚାର ହୁଏ । ଆଉ ତାହା ହିଁ ଘଟିଲା । ଚତୁର୍ଥ ବିଷୟ ହେଲା ବିଚାରକର୍ତ୍ତା ଅଭିଯୋଗକାରୀମାନଙ୍କୁ କହିଲେ, 'ଆମ୍ଭେ ଏହାଙ୍କ ଠାରେ କୌଣସି ଦୋଷ ପାଇ ନାହୁଁ ।' ପୁଣି ବିଚାର କରି ଆଉ ଥରେ ସେ ମନ୍ତବ୍ୟ ଦେଲେ, 'ଦେଖ, ଆମ୍ଭେ ତାହାଠାରେ କୌଣସି ଦୋଷ ପାଉ ନାହୁଁ' । ତଥାପି ଅଭିଯୋଗକାରୀମାନଙ୍କୁ ଭୟ କରି କାଳେ ନିଜ ପଦବୀ ଚାଲି ଯିବା ଭୟରେ ନିର୍ଦ୍ଦୋଷଙ୍କୁ ୩୯ ଥର କୋରଡ଼ା ପ୍ରହାର କରି କ୍ରୁଶୀୟ ମୃତ୍ୟୁ ଦଣ୍ଡ ଘୋଷଣା କଲେ । ଏସମସ୍ତ ବିଷୟ ଘଟିଲା ଏଥିପାଇଁ ଯେପରି ଧର୍ମଶାସ୍ତ୍ରର ଭାବବାଣୀ ସଫଳ ହେବ । ଯେପରି ଲେଖାଅଛି – ସେ କୌଣସି ଦୌରାତ୍ମ୍ୟ ନ କଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନ ଥିଲେ ହେଁ ଲୋକମାନେ ଦୁଷ୍ଟଗଣର ସହିତ ସମାନ କଲେ । ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ । ସେ ଉପଦ୍ରବ ଓ ବିଚାର ଦ୍ୱାରା ଦୂରୀକୃତ ହେଲେ । ତାହାଙ୍କ ପ୍ରାଣକୁ ଈଶ୍ୱର ପାପାର୍ଥକ ବଳି କଲେ ଓ ତାହାଙ୍କୁ ଚୂର୍ଣ୍ଣ କରିବାକୁ ଈଶ୍ୱରଙ୍କ ଅଭିମତ ଥିଲା, ଯେପରି ତାହାଙ୍କ ହସ୍ତରେ ଈଶ୍ୱରଙ୍କ ଇଷ୍ଟ ସିଦ୍ଧ ହେବ । ଯେପରି ଲେଖାଯାଏ –ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ। ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ କ୍ଷତରେ ଆମ୍ଭେମାନେ ଆରୋଗ୍ୟ ଲାଭ କଲୁ । ତାଙ୍କୁ ଶାନ୍ତିର ରାଜକୁମାର କୁହାଯାଏ । ସେ କହିଲେ – ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ଜଗତ ଯେପରି ଶାନ୍ତି ଦାନ କରେ ସେପରି ମୁଁ ଶାନ୍ତି ଦାନ କରେ ନାହିଁ ବରଂ ମୁଁ ମୋ ନିଜର ଶାନ୍ତି ତୁମ୍ଭମାନଙ୍କୁ ପ୍ରଦାନ କରେ । ପ୍ରଭୁଯୀଶୁ କ୍ରୁଶ ଉପରେ ଦଣ୍ଡ ପାଉଥିବା ସମୟରେ କହିଥିବା ସାତୋଟି ବାଣୀ ମଧ୍ୟରୁ ଗୋଟିଏ ହେଲା – 'ହେ ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ' । ତାହାଙ୍କ ଶତ୍ରୁମାନେ ତାହାଙ୍କୁ ମୁହଁରେ ଛେପ, ଚାପୁଡା, ଛାତିରେ ବର୍ଛାଘାତ, ବସ୍ତ୍ରକୁ ଚିରିବା, ଦାଢିକୁ ଟାଣି ଦେବା, ହାତରେ ଗୋଡରେ କଣ୍ଟା ମାରିବା, ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇ ଆଦି କେତେ ଯେ ଯନ୍ତ୍ରଣା ଦେଇଥିଲେ ମଧ୍ୟ ସେମାନଙ୍କୁ କ୍ଷମା ପ୍ରଦାନ କରିଥିଲେ । ଏଣୁ ତାଙ୍କୁ କ୍ଷମାର ସାଗର କ୍ଷମାମୟ ବୋଲି କୁହାଯାଏ । ବାସ୍ତବରେ କ୍ଷମା ଥିଲେ ପ୍ରେମ, ଶାନ୍ତି ଆନନ୍ଦ, ଏକତା ଆଦି ଥାଏ । କ୍ଷମା ଦେବାର ପରିଣାମ ଶାରୀରିକ, ଆତ୍ମିକ ଓ ସାମାଜିକ ଭାବେ ପଡିଥାଏ । ପ୍ରଭୁଯୀଶୁ କ୍ରୁଶ ବୋହି ନେଇ ଯାଉଥିବାର ଯନ୍ତ୍ରଣା ଦେଖି ମାଆମାନେ କାନ୍ଦି ପକାଉଥିଲେ, କିନ୍ତୁ ସେ ଅତି ଶିକ୍ଷଣୀୟ କଥା ସେମାନଙ୍କୁ କହିଲେ, ମୋ ପାଇଁ କାନ୍ଦ ନାହିଁ ମାତ୍ର ନିଜ ନିଜ ପିଲାମାନଙ୍କ ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନାରେ କାନ୍ଦ । ପ୍ରଭୁଯୀଶୁ କ୍ରୁଶ ଉପରେ ଦଣ୍ଡ ପାଉଥିବା ସମୟରେ କହିଥିବା ଆଉ ଏକ ବାଣୀ ହେଲା – 'ଗୋ ନାରୀ, ଦେଖ ତୁମ୍ଭର ପୁତ୍ର, ଦେଖ ତୁମ୍ଭର ମାତା। ଏହା ପିତାମାତାଙ୍କୁ ସମ୍ମାନ, ଆଜ୍ଞାବହ ଓ ବିଶେଷ କରି ସେମାନଙ୍କ ବାର୍ଦ୍ଧକ୍ୟ ସମୟରେ ଅବହେଳିତ, ଅପମାନିତ, ଅସହାୟ ଓ ତିରସ୍କାର ହେବାକୁ ଦେବା ନାହିଁ ବରଂ ସେମାନଙ୍କ ସେବାଯତ୍ନ କରିବା ।କୁହାଯାଏ – ପିତୃଦେବୋ ଭବ, ମାତୃଦେବୋ ଭବ । ପିତାମାତାଙ୍କୁ ଈଶ୍ୱର ତୁଲ୍ୟ ବ୍ୟବହାର କରିବା ।

ମୋ– ୭୩୮୧୮୧୭୮୧୮

# ଭାରତରେ ଆମେରିକାର ବିପଦପୂର୍ଣ୍ଣ ପଦକ୍ଷେପ !

**ଅସିତ ମହାନ୍ତି**

> **ଯୁଦ୍ଧକ୍ଷେତ୍ରରେ ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର ଆଜି ଏକ ଘାତକ ଅସ୍ତ୍ର ଭାବରେ ଉଭା ହୋଇଛି। ମଣିପୁର ଭଳି ପାର୍ବତ୍ୟ ଏବଂ ଘନ ଜଙ୍ଗଲ ଅଞ୍ଚଳରେ ଡ୍ରୋନ୍ ବ୍ୟବହାର କରି ନଜର ରଖିବା ଏବଂ ଆକ୍ରମଣ କରିବା ଆତଙ୍କବାଦୀ ଗୋଷ୍ଠୀ ପାଇଁ ଏକ ପ୍ରମୁଖ ଲାଭ ହୋଇପାରେ। ଯଦି ବିଦେଶୀ ନାଗରିକମାନେ ଏହି ଗୋଷ୍ଠୀଗୁଡ଼ିକୁ ଏହି ପ୍ରଯୁକ୍ତି ଏବଂ ତାଲିମ ପ୍ରଦାନ କରୁଛନ୍ତି, ତେବେ ଏହାର ସ୍ପଷ୍ଟ ଅର୍ଥ ହେଉଛି ସେମାନେ ଭାରତ ଭିତରେ ଏକ ଦୀର୍ଘ ଏବଂ ରକ୍ତାକ୍ତ ଯୁଦ୍ଧର ମୂଳଦୁଆ ସ୍ଥାପନ କରୁଛନ୍ତି। ୟୁକ୍ରେନୀୟ ନାଗରିକଙ୍କ ଉପସ୍ଥିତି ଆହୁରି ଆଶ୍ଚର୍ଯ୍ୟଜନକ, କାରଣ ୟୁକ୍ରେନ୍ ନିଜେ ବର୍ତ୍ତମାନ ଏକ ଭୟଙ୍କର ଯୁଦ୍ଧର କେନ୍ଦ୍ର।**

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ, ବିଶେଷକରି ମଣିପୁର ଏବଂ ମିଜୋରାମରେ ଦେଖାଦେଇଥିବା ଅଶାନ୍ତି ପରିସ୍ଥିତିର ସେହି ଦିଗଗୁଡ଼ିକୁ ଆଲୋକିତ କରେ ଯାହା ସାଧାରଣତଃ ଖବର ଶିରୋନାମରୁ ଲୁଚି ରହିଥାଏ। ଏହି ପ୍ରସଙ୍ଗ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ସଂଘର୍ଷ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ଅନ୍ତର୍ଜାତୀୟ ଭୂରାଜନୀତି ଏବଂ ବିଦେଶୀ ହସ୍ତକ୍ଷେପ ସହିତ ଗଭୀର ଭାବରେ ଜଡିତ। ସୀମାନ୍ତ ଅଞ୍ଚଳରୁ ଜଣେ ଆମେରିକୀୟ ଏବଂ ଛଅ ଜଣ ୟୁକ୍ରେନୀୟ ନାଗରିକଙ୍କ ସମ୍ପ୍ରତି ସନ୍ଦେହଜନକ ଗିରଫଦାରି ଏହି ଆଶଙ୍କାକୁ ଆହୁରି ଦୃଢ଼ କରିଛି ଯେ ଭାରତର ଆଭ୍ୟନ୍ତରୀଣ ସ୍ଥିରତାକୁ ବିପର୍ଯ୍ୟସ୍ତ କରିବା ପାଇଁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ବିଦେଶୀ ଯୁଦ୍ଧ ବ୍ୟବହାର କରାଯାଉଛି। ଦେଶ ଛାଡିବାକୁ ଚେଷ୍ଟା କରୁଥିବା ସମୟରେ ସେମାନଙ୍କୁ ଦିଲ୍ଲୀ, ଲକ୍ଷ୍ନୌ ଏବଂ କୋଲକାତାର ବିମାନବନ୍ଦରରେ ଗିରଫ କରାଯାଇଥିଲା। ଏହି ବ୍ୟକ୍ତିମାନେ ହେଉଛନ୍ତି: ମାଥ୍ୟୁ ଆରୋନ୍ ଭାନ୍ ଡାଇକ୍ (ଆମେରିକୀୟ ନାଗରିକ), ଛଅ ଜଣ ୟୁକ୍ରେନୀୟ ନାଗରିକ: ହୁବା ପେଟ୍ରୋ, ସ୍ଲିଭ୍ୟାକ୍ ତାରାସ୍, ଇଭାନ୍ ସୁକମାନୋଭସ୍କି, ଷ୍ଟେଫାନକିଭ୍ ମାରିଅନ୍, ହୋନଚାରୁକ୍ ମ୍ୟାକ୍ସିମ୍ ଏବଂ କାମିନ୍ସକି ଭିକ୍ଟର। ଏହା ଭାରତର ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ଗଣମାଧ୍ୟମ ରିପୋର୍ଟ ଏବଂ ସାମ୍ପ୍ରତିକ ତଦନ୍ତ ଅନୁସାରେ, ଜାତୀୟ ତଦନ୍ତ ସଂସ୍ଥା ଏହି ମାମଲାରେ ଜଣେ ଆମେରିକୀୟ ଏବଂ ଛଅ ଜଣ ୟୁକ୍ରେନୀୟ ନାଗରିକଙ୍କୁ ଗିରଫ କରିଛି।

ଏହି ମାମଲାରେ କିଛି ପ୍ରମୁଖ ଲିଙ୍କ: ସନ୍ଦେହଜନକ କାର୍ଯ୍ୟକଳାପ: ତଦନ୍ତରୁ ଜଣାପଡିଛି ଯେ ଏହି ବ୍ୟକ୍ତିମାନେ ବୈଧ ପର୍ଯ୍ୟଟନ ଭିସାରେ ଭାରତରେ ପ୍ରବେଶ କରିଥିଲେ, କିନ୍ତୁ ମିଜୋରାମ ଭଳି ସଂରକ୍ଷିତ ଅଞ୍ଚଳରେ ପ୍ରବେଶ କରି ନିୟମ ଉଲ୍ଲଂଘନ କରିଥିଲେ। ସେଠାରୁ ସେମାନେ ବେଆଇନ ଭାବରେ ମିଆଁମାର ସୀମା ପାର କରିଥିବା ଅଭିଯୋଗ ହୋଇଛି। ଡ୍ରୋନ୍ ଏବଂ ଅସ୍ତ୍ରଶସ୍ତ୍ର ତାଲିମ: ଏନ୍‌ଆଇଏ ଅନୁଯାୟୀ, ଏହି ବିଦେଶୀ ନାଗରିକମାନେ ମିଆଁମାର ବିଦ୍ରୋହୀ ଗୋଷ୍ଠୀକୁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଯୁଦ୍ଧରେ ତାଲିମ ଦେଉଥିଲେ। ଏହି ବିଦ୍ରୋହୀ ଗୋଷ୍ଠୀଗୁଡ଼ିକର ଭାରତର ଉତ୍ତର-ପୂର୍ବ ରାଜ୍ୟ, ବିଶେଷକରି ମଣିପୁରରେ ସକ୍ରିୟ ଆତଙ୍କବାଦୀ ସଂଗଠନ ସହିତ ସମ୍ପର୍କ ରହିଛି। ଗୁରୁତର ଅଭିଯୋଗ: ସେମାନଙ୍କ ସମସ୍ତଙ୍କୁ ଟଇଚଇ ର ଧାରା ୧୮ ଅନୁଯାୟୀ ଅଭିଯୁକ୍ତ କରାଯାଇଛି, ଯାହା ଆତଙ୍କବାଦ ପାଇଁ ଷଡ଼ଯନ୍ତ୍ର ସହିତ ଜଡିତ। କୋର୍ଟ ସମ୍ପୂର୍ଣ୍ଣ 'ବିଶ୍ୱ ଷଡ଼ଯନ୍ତ୍ର'ର ପର୍ଦ୍ଦାଫାସ କରିବା ପାଇଁ ସେମାନଙ୍କୁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ଗୁପ୍ତଚର ସୂଚନା: କିଛି ସୂତ୍ର ଏହା ମଧ୍ୟ ସୂଚିତ କରେ ଯେ ରୁଷିଆ ଗୁପ୍ତଚର ସଂସ୍ଥାଗୁଡ଼ିକରୁ ମିଳିଥିବା ସୂଚନା ଏହି ଗିରଫଦାରିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହା ମାମଲାର ଅନ୍ତର୍ଜାତୀୟ ଦିଗକୁ ଆହୁରି ଗଭୀର କରୁଛି।

ଏହି ମାମଲା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ବିଦେଶୀ ଶକ୍ତିଗୁଡ଼ିକ ଭାରତର ସୀମାରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗଗୁଡ଼ିକୁ କିପରି ଶୋଷଣ କରୁଛନ୍ତି। ଏହା ଏକ ଅତ୍ୟନ୍ତ ଗମ୍ଭୀର ଏବଂ ସମ୍ବେଦନଶୀଳ ବିଷୟ। ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଅନ୍ତର୍ଜାତୀୟ କୂଟନୀତି ମଧ୍ୟରେ ଥିବା ଲୁକ୍କାୟିତ ଦିଗଗୁଡ଼ିକ ବିଚାର କରିବା ଅତ୍ୟନ୍ତ ଜରୁରୀ, ଯାହା ପ୍ରାୟତଃ ମୁଖ୍ୟଧାରାର ଗଣମାଧ୍ୟମର ଶିରୋନାମରୁ ଲୁଚି ରହିଥାଏ। ମଣିପୁର ଏବଂ ମିଜୋରାମ ସୀମାନ୍ତ ଅଞ୍ଚଳରେ ସନ୍ଦେହଜନକ କାର୍ଯ୍ୟକଳାପରେ ବିଦେଶୀ ନାଗରିକ, ବିଶେଷକରି ଆମେରିକୀୟ ଏବଂ ୟୁକ୍ରେନୀୟ ନାଗରିକଙ୍କ ସମ୍ପୃକ୍ତି ରିପୋର୍ଟ ଏକ ବୃହତ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକୁ ଇଙ୍ଗିତ କରୁଛି। ଏହି ବିଷୟ ଉପରେ ଏକ ବିସ୍ତୃତ ବିଶ୍ଳେଷଣ ଏଠାରେ ଦିଆଯାଇଛି: ଭାରତ ବିରୋଧରେ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର: ମଣିପୁର ହିଂସା ଏବଂ ବୈଦେଶିକ ହସ୍ତକ୍ଷେପ - ଭାରତର ସାର୍ବଭୌମତ୍ୱ ଏବଂ ଆଭ୍ୟନ୍ତରୀଣ ଶାନ୍ତି ସର୍ବଦା କିଛି ବିଶ୍ୱ ଶକ୍ତି ପାଇଁ ଏକ କଣ୍ଟା ହୋଇଆସିଛି। ମଣିପୁରରେ କୁକି ଏବଂ ମେଇତେଇ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ସାମ୍ପ୍ରତିକ ଜାତିଗତ ହିଂସା କେବଳ ଏକ ସ୍ଥାନୀୟ ବିବାଦ ଦ୍ୱାରା ଅଧିକ ଉତ୍ତେଜିତ ହୋଇଥିବା ଦେଖାଯାଉଛି। ଯେତେବେଳେ ସୀମାନ୍ତ ଅଞ୍ଚଳରେ ଆତଙ୍କବାଦୀମାନଙ୍କୁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଯୋଗାଣ ଏବଂ ବୈଷୟିକ ସହାୟତା ଯୋଗାଇବା ପାଇଁ ଆମେରିକୀୟ ଏବଂ ୟୁକ୍ରେନୀୟ ନାଗରିକଙ୍କୁ ଗିରଫ କରାଯିବାର ରିପୋର୍ଟ ପ୍ରକାଶ ପାଏ, ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ ଭାରତର ଉତ୍ତର-ପୂର୍ବରେ ଅଶାନ୍ତି ପଛରେ ଏକ ସୁଚିନ୍ତିତ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ରହିଛି। ନିଜକୁ ବିଶ୍ୱର ଶାନ୍ତି ସ୍ଥାପନକାରୀ ବୋଲି ଘୋଷଣା କରୁଥିବା ଆମେରିକା ଭଳି ଦେଶଗୁଡ଼ିକ ଅନ୍ୟ ଉଦୀୟମାନ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ସ୍ଥିରତାକୁ ଦୁର୍ବଳ କରିବା ପାଇଁ ପ୍ରାୟତଃ 'ପ୍ରକ୍ସି ଯୁଦ୍ଧ'ର ଆଶ୍ରୟ ନିଅନ୍ତି।

ଯୁଦ୍ଧକ୍ଷେତ୍ରରେ ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର ଆଜି ଏକ ଘାତକ ଅସ୍ତ୍ର ଭାବରେ ଉଭା ହୋଇଛି। ମଣିପୁର ଭଳି ପାର୍ବତ୍ୟ ଏବଂ ଘନ ଜଙ୍ଗଲ ଅଞ୍ଚଳରେ ଡ୍ରୋନ୍ ବ୍ୟବହାର କରି ନଜର ରଖିବା ଏବଂ ଆକ୍ରମଣ କରିବା ଆତଙ୍କବାଦୀ ଗୋଷ୍ଠୀ ପାଇଁ ଏକ ପ୍ରମୁଖ ଲାଭ ହୋଇପାରେ। ଯଦି ବିଦେଶୀ ନାଗରିକମାନେ ଏହି ଗୋଷ୍ଠୀଗୁଡ଼ିକୁ ଏହି ପ୍ରଯୁକ୍ତି ଏବଂ ତାଲିମ ପ୍ରଦାନ କରୁଛନ୍ତି, ତେବେ ଏହାର ସ୍ପଷ୍ଟ ଅର୍ଥ ହେଉଛି ସେମାନେ ଭାରତ ଭିତରେ ଏକ ଦୀର୍ଘ ଏବଂ ରକ୍ତାକ୍ତ ଯୁଦ୍ଧର ମୂଳଦୁଆ ସ୍ଥାପନ କରୁଛନ୍ତି। ୟୁକ୍ରେନୀୟ ନାଗରିକଙ୍କ ଉପସ୍ଥିତି ଆହୁରି ଆଶ୍ଚର୍ଯ୍ୟଜନକ, କାରଣ ୟୁକ୍ରେନ୍ ନିଜେ ବର୍ତ୍ତମାନ ଏକ ଭୟଙ୍କର ଯୁଦ୍ଧର କେନ୍ଦ୍ର। ଭାରତୀୟ ସୀମାରେ ସେମାନଙ୍କର ବିଶେଷଜ୍ଞଙ୍କ ଆବିଷ୍କାର ସୂଚାଇ ଦିଏ ଯେ କିଛି ବିଶ୍ୱସ୍ତରୀୟ ଏଜେନ୍ସି ଏହି 'କଣ୍ଟ୍ରାକ୍ଟ ବିଶେଷଜ୍ଞ'ଙ୍କୁ ବ୍ୟବହାର କରି ଭାରତର ରଣନୈତିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଉଛନ୍ତି। ବିଦେଶୀ ଶକ୍ତିମାନଙ୍କ ଦ୍ୱାରା ଏହି ବିପଦପୂର୍ଣ୍ଣ ଚାପର ସବୁଠାରୁ ଦୁଃଖଦ ଦିଗ ହେଉଛି ଭାରତୀୟ ଗଣମାଧ୍ୟମର ଏକ ଅଂଶ, ଯେଉଁମାନେ ଏହି ସମ୍ବେଦନଶୀଳ ସୂଚନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପରିବର୍ତ୍ତେ ନୀରବ ରହନ୍ତି। ଯେତେବେଳେ ମଧ ପାଶ୍ଚାତ୍ୟ ସ୍ୱାର୍ଥ କିମ୍ବା ସେମାନଙ୍କର ସନ୍ଦିଗ୍ଧ ଭୂମିକାର ପ୍ରସଙ୍ଗ ଉଠାଯାଏ, ସେତେବେଳେ ପ୍ରାୟତଃ ଗଣମାଧ୍ୟମ ସେନ୍ସରସିପର ଏକ ପ୍ରକାର ପରିଲକ୍ଷିତ ହୁଏ। ଏହାକୁ 'ନରମ ଶକ୍ତି'ର ଅପବ୍ୟବହାର କୁହାଯାଇପାରେ, ଯେଉଁଠାରେ ଅନ୍ତର୍ଜାତୀୟ ଚାପ କିମ୍ବା ପାଣ୍ଠି ମାଧ୍ୟମରେ ଖବରକୁ ଦବାଇ ଦିଆଯାଏ। ଯଦି କୌଣସି ଦେଶର ଲୋକମାନେ ଜାଣି ନ ଥାଆନ୍ତି ଯେ ସେମାନଙ୍କ ସୀମାରେ କେଉଁ ବିଦେଶୀ ଶକ୍ତି ସକ୍ରିୟ ଅଛନ୍ତି, ତେବେ ସେମାନେ ଜାତୀୟ ସୁରକ୍ଷା ବିଷୟରେ କିପରି ସଚେତନ ହେବେ ? ଏହି ଗଣମାଧ୍ୟମ ମନୋଭାବ କେବଳ ଗଣତନ୍ତ୍ର ପାଇଁ କ୍ଷତିକାରକ ନୁହେଁ ବରଂ ପ୍ରତିକୂଳ ପରିସ୍ଥିତିରେ ଦେଶକୁ ସୁରକ୍ଷା ଦେଉଥିବା ସୁରକ୍ଷା ବାହିନୀ ପ୍ରତି ବିଶ୍ୱାସଘାତକତା ମଧ୍ୟ। ଏହି କଥିତ ଆମେରିକାର ଚାଲ୍‌କୁ ବୁଝିବା ପାଇଁ, ଆମକୁ ବିଶ୍ୱ ଭୂରାଜନୀତି ପରୀକ୍ଷା କରିବାକୁ ପଡିବ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଏବଂ ବିଶ୍ୱସ୍ତରରେ ଏକ ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରେ। ଏହା ରୁଷ-ୟୁକ୍ରେନ ବିବାଦ ହେଉ କିମ୍ବା ପଶ୍ଚିମ ଏସିଆରେ ଉତ୍ତେଜନା, ଭାରତ ସର୍ବଦା ଏହାର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଆସିଛି । କୌଣସି ମହାଶକ୍ତି ଆଗରେ ମୁଣ୍ଡ ନୁଆଁଇବାକୁ ମନା କରିଛି। ଭାରତର ଏହି ସ୍ୱାୟତ୍ତତା ପ୍ରାୟତଃ ପାଶ୍ଚାତ୍ୟ ଶକ୍ତିମାନଙ୍କ ନିକଟରେ ଗ୍ରହଣୀୟ ନୁହେଁ। ତେଣୁ, ଭାରତ ଭିତରେ ଆଭ୍ୟନ୍ତରୀଣ ମତଭେଦକୁ ଉସ୍କାଇବା କରିବା ଏବଂ ସେଗୁଡ଼ିକୁ ହିଂସାରେ ପରିଣତ କରିବା ଏକ ପୁରୁଣା ରଣନୀତିର ଅଂଶ ହୋଇପାରେ। ମଣିପୁର ଏବଂ ମିଜୋରାମ ଅଞ୍ଚଳ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ମିଆଁମାର ଏବଂ ଦକ୍ଷିଣ ପୂର୍ବ ଏସିଆର ପ୍ରବେଶ ଦ୍ୱାର ଭାବରେ କାର୍ଯ୍ୟ କରେ। ଏଠାରେ ଅଶାନ୍ତି ସୃଷ୍ଟି କରିବା ଭାରତର 'ଆକ୍ଟ ଇଷ୍ଟ' ମିଶନକୁ ବାଧା ଦେଇପାରେ।

ଶେଷରେ, ଆମକୁ ବୁଝିବାକୁ ପଡିବ ଯେ ଆଧୁନିକ ଯୁଦ୍ଧ କେବଳ ସୀମାରେ ନୁହେଁ, ବରଂ ସମାଜ ମଧ୍ୟରେ ମଧ୍ୟ ଲଢ଼ାଯାଏ। ବିଦେଶୀ ନାଗରିକଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟା ଯୋଗାଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଘୃଣାର ନିଆଁ ଜାଳିବା ଏହି 'ହାଇବ୍ରିଡ୍ ଯୁଦ୍ଧ'ର ଏକ ଅଂଶ। ଭାରତ ସରକାର ଏବଂ ଗୁପ୍ତଚର ସଂସ୍ଥାଗୁଡ଼ିକୁ ଏହି ବିଦେଶୀ ହସ୍ତକ୍ଷେପ ବିରୁଦ୍ଧରେ ଅତ୍ୟନ୍ତ ସତର୍କ ରହିବା ଆବଶ୍ୟକ। ଏହା ବ୍ୟତୀତ, ଦେଶର ନାଗରିକ ଏବଂ ଗଣମାଧ୍ୟମକୁ ଏହା ସ୍ୱୀକାର କରିବାକୁ ପଡିବ ଯେ ପଶ୍ଚିମରୁ ଆସୁଥିବା ସମସ୍ତ ସୂଚନା ନିରପେକ୍ଷ ନୁହେଁ। ଭାରତର ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ, ଏହି ଅନ୍ତର୍ଜାତୀୟ ଚକ୍ରାନ୍ତଗୁଡ଼ିକୁ ପର୍ଦ୍ଦାଫାସ କରିବା ଏବଂ ଆମର ଆଭ୍ୟନ୍ତରୀଣ ବ୍ୟାପାରରେ ଯେକୌଣସି ବାହ୍ୟ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ। ଶାନ୍ତି ଏବଂ ବିକାଶର ପଥ ସେତେବେଳେ ପ୍ରଶସ୍ତ ହେବ ଯେତେବେଳେ ଆମେ ଆମର ସମସ୍ୟାର ସମାଧାନ କରିବୁ, ବିଦେଶୀ ଶକ୍ତିମାନଙ୍କ ହାତରେ କଠିନ ପୁତୁଳା ହେବା ପରିବର୍ତ୍ତେ ଯାହାର ଏକମାତ୍ର ସ୍ୱାର୍ଥ ଆମର ବିନାଶ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଲୋଭ ବିକାର ହେଲା ଯୁଦ୍ଧର ପ୍ରକୃତ କାରଣ

**ସୁଧାଂଶୁ ରଞ୍ଜନ ଦାସ**

> **ଆଜି ଇରାନ ଏତେ ପରିମାଣରେ ବିଭିନ୍ନ ଦୂରତ୍ୱର କ୍ଷେପଣାସ୍ତ୍ର ରଖିଛି, ସିଏ ନିଜେ ଧ୍ୱଂସ ହେବା ପୂର୍ବରୁ ଆମେରିକା ସହିତ ବିଶ୍ୱ ଆର୍ଥିକ ଅବସ୍ଥାକୁ ପଙ୍ଗୁ କରିଦେବ । ଆମେରିକା ଯୁଦ୍ଧରେ ଏତେ କ୍ଷତିଗ୍ରସ୍ତ ହେଲାଣି ଯେ ସେ ଏବେ ଖାଡୀ ଦେଶମାନଙ୍କ ଠାରୁ ଯୁଦ୍ଧ ପାଇଁ ଆର୍ଥିକ ସହାୟତା ମାଗୁଛି । ଇସ୍ରାଏଲ ନିଜକୁ ମୁସଲମାନ ରାଷ୍ଟ୍ରମାନଙ୍କ ମଧ୍ୟରେ ତିଷ୍ଠି ରହିବାକୁ ପ୍ରାଣପ୍ରଣେ ଉଦ୍ୟମ କରିବ । ତେଣୁ ସେ ଆମେରିକା ସହିତ ମିଶି ଇରାନର ପରମାଣୁ ପରୀକ୍ଷାଗାର ଓ କ୍ଷେପଣାସ୍ତ୍ର ତିଆରି କରିବା କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚାହୁଁଛି।**

ଇରାନ ପରମାଣୁ ବୋମା ବନାଇବା ପାଇଁ ରଖିଥିବା ୪୦୦ କିଲୋ ଗ୍ରାମ ୟୁରାନିୟମ ନ ମିଳିବା ଯାଏଁ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ବିରାମ କରିବେ ନାହିଁ ବୋଲି ସଂକେତ ଦେଇଛନ୍ତି । ସେମାନଙ୍କର ମୁଖପାତ୍ରମାନେ କହୁଛନ୍ତି ଏହି ଯୁଦ୍ଧ ସେମାନେ ସାରା ବିଶ୍ୱର ହିତ ପାଇଁ ଲଢୁଛନ୍ତି । ଇରାନ ରଖିଥିବା ୪୦୦ କିଲୋ ୟୁରାନିୟମରୁ ଅତି କମରେ ୧୦ ଟି ପରମାଣୁ ବୋମା ତିଆରି ହୋଇପାରିବ । ପରମାଣୁ ବୋମା ଯଦି ଇସ୍ରାଏଲ ବିରୋଧୀ ହାମାସ, ହିଜବୋଲା ଓ ହୋଉଥି ଗୃପଙ୍କ ହାଥରେ ପଡ଼ିଯାଏ ତେବେ ଇସ୍ରାଏଲର ଅସ୍ତିତ୍ୱ ନଷ୍ଟ ହୋଇଯିବାର ଆଶଙ୍କା ଅଛି । ଅମେରିକା ଯେକୌଣସି ପରିସ୍ଥିତିରେ ଇସ୍ରାଏଲର ସ୍ଥିତି ଦୁର୍ବଳ ହେବାକୁ ଦେବ ନାହିଁ । ଆମେରିକାର ଆର୍ଥିକ, ସାମରିକ, ଜ୍ଞାନକୌଶଳ, ଗବେଷଣା, ଭୂ-ରାଜନୈତିକ ସନ୍ତୁଳନ ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କ ଉପରେ ନିୟନ୍ତ୍ରଣ ଅନେକାଂଶରେ ଇସ୍ରାଏଲ ଉପରେ ନିର୍ଭର କରିଥାଏ । ଇସ୍ରାଏଲ ଯଦି ଦୁର୍ବଳ ହେଇଯାଏ ତେବେ ଆମେରିକାର ଡାହାଣ ହାତ କଟିଗଲା ଭଳି ହେବ । ମଧ୍ୟ ପ୍ରାଚ୍ୟ ଓ ଉପସାଗରୀୟ ଦେଶମାନଙ୍କରେ ଥିବା ତେଲ ଖଣିଗୁଡ଼ିକ ଉପରେ ଆମେରିକାର ନିୟନ୍ତ୍ରଣ କମିଯିବ ଓ ଇରାନ ଯଦି ବଳଶାଳୀ ହେବ ଏହା ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଦେଶମାନଙ୍କ ଉପରେ ଆମେରିକାର





ନିୟନ୍ତ୍ରଣକୁ କମ କରିଦେ। ବିଶ୍ୱ ବାଣିଜ୍ୟ ଓ ସମଗ୍ର ବିଶ୍ୱର ସୁରକ୍ଷା ପାଇଁ ଏହି ଯୁଦ୍ଧ ଅନିବାର୍ଯ୍ୟ ବୋଲି ଆମେରିକା ଓ ଇସ୍ରାଏଲ କହି ବୁଲୁଛନ୍ତି । ଏହି ବ୍ୟୟବହୁଳ ଯୁଦ୍ଧରେ ସାମିଲ ହେବାକୁ ଜର୍ମାନ, ଇଂଲଣ୍ଡ ଓ ୟୁରୋପୀୟ ଦେଶମାନେ ରାଜି ହେଉନାହାନ୍ତି । ଋଷିଆ ଓ ଚୀନ ଅସ୍ତ୍ର ଶସ୍ତ୍ର, ଡ୍ରୋନ୍, କ୍ଷେପଣାସ୍ତ୍ର ଓ ପରମାଣୁ ପରୀକ୍ଷା ପାଇଁ ଇରାନକୁ ସହଯୋଗ କରି ଲାଭବାନ ହୋଇଛନ୍ତି । ଆମେରିକା ଓ ଇସ୍ରାଏଲ ଯଦି ଯୁଦ୍ଧରେ ଶୀଘ୍ର ବିଜୟ ପ୍ରାପ୍ତ ନ କରିବେ ତେବେ ସେମାନଙ୍କୁ ଅଧିକ କ୍ଷତି ସହିବାକୁ ପଡିବ।

ଯୁଦ୍ଧର ପ୍ରକୃତ କାରଣ ହେଲା ବିନାଶକାରୀ ଲୋଭ ଓ ଅନ୍ୟ ଦେଶର ପ୍ରାକୃତିକ ସମ୍ପଦ ଓ ବଜାର ଉପରେ କବ୍‌ଜା କରି ନିଜେ ଧନୀ ହେବା ଆଜି ଏକ ମାନସିକ ବ୍ୟାଧିରେ ପରିଣତ ହୋଇଛି । ଅନ୍ୟ ଏକ ବିନାଶକାରୀ ଲୋଭ ହେଲା ଅନ୍ୟ ଦେଶର ଧର୍ମ ଓ ସଂସ୍କୃତିକୁ ନଷ୍ଟ କରି ସାରା ବିଶ୍ୱରେ ଗୋଟିଏ ଧର୍ମ ପ୍ରତିଷ୍ଠାକରି ସର୍ବ ଶକ୍ତିମାନ ବନିବା ଓ ଏହି ଦୁଇଟିଯାକ ଲୋଭ ବିକାର ଆସୁରିକ ପ୍ରବୃତ୍ତିରୁ ସୃଷ୍ଟି ହୋଇଥାଏ । ଏହା ମନୁଷ୍ୟ ସମାଜର ଧ୍ୱଂସ ପାଇଁ ଯଥେଷ୍ଟ । ଏହି ଲୋଭ ବିକାରକୁ ନଷ୍ଟ କରିବା ପାଇଁ ବିଶ୍ୱର ସମସ୍ତ ଧର୍ମଗୁଡିକର ଆଧାତ୍ମିକରଣ ହେବା ଦରକାର । ଏକ ସୁସ୍ଥ ସାମାଜିକ ଓ ଆଧାତ୍ମିକ ବାତାବରଣ ସୃଷ୍ଟି ହେଲେ ଏହା ମନୁଷ୍ୟ ସମାଜ ଭିତରେ ବ୍ୟାପୁଥିବା ଲୋଭ ବିକାରକୁ ନଷ୍ଟ କରିଦେବ । ବିଗତ ତିରିଶ ବର୍ଷ ଭିତରେ ଆମେରିକା, ଜର୍ମାନୀ, ଚୀନ ଓ ଋଷିଆ ଇତ୍ୟାଦି ବିକଶିତ ଦେଶମାନେ ଇରାନକୁ ପରମାଣୁ ପରୀକ୍ଷା ଓ ମିସାଇଲ ବନାଇବା କୌଶଳ ଓ ସରଞ୍ଜାମ ହସ୍ତାନ୍ତର କରିଛନ୍ତି । ଇରାନ ଏହି ଅସ୍ତ୍ରଗୁଡିକୁ ଆଜି ଆମେରିକା ଓ ଇସ୍ରାଏଲ ବିରୋଧରେ ବ୍ୟବହାର କରୁଛି । କାଲି ଏହାକୁ ଚୀନ ଓ ରୁଷ ବିରୋଧରେ ବ୍ୟବହାର କରିବ । ଇରାନ ଜାଣିଛି ଏହି ଦେଶମାନଙ୍କର କିଛି ନୀତି ନାହିଁ ଓ ପଇସା ପକାଇଲେ ସେମାନେ ଅସ୍ତ୍ରଶସ୍ତ୍ର ଓ କୌଶଳ ଦେବାକୁ ପ୍ରସ୍ତୁତ ହୋଇଥାନ୍ତି । ପୁରାଣରେ ଉଲ୍ଲେଖ ଅଛି ଭସ୍ମାସୁର ତପସ୍ୟା କରି ମହାଦେବଙ୍କୁ ପ୍ରସନ୍ନ କରିଥିଲା। ମହାଦେବ ଭସ୍ମାସୁରକୁ ଗୋଟେ ବର ଦେଇଥିଲେ । ଭସ୍ମାସୁର ଯାହା ମୁଣ୍ଡରେ ହାତ ରଖିବ ସେ ଭସ୍ମ ହୋଇଯିବ । ଭସ୍ମାସୁର ଏହି ବରର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଥମେ ମହାଦେବଙ୍କ ମୁଣ୍ଡରେ ହାତ ରଖିବାକୁ ପ୍ରୟାସ କଲା । ମହାଦେବ ନିଜ ଉପରେ ବିପଦ ଆସିବା ଦେଖି ଦୌଡିବା ଆରମ୍ଭ କଲେ।

ଭସ୍ମାସୁର ମଧ ମହାଦେବଙ୍କୁ ଧରିବାକୁ ଚେଷ୍ଟା କଲା । ଭଗବାନ ବିଷ୍ଣୁଙ୍କ ଠିକ୍ ସମୟରେ ଆସି ଭସ୍ମାସୁରକୁ ନିଜ ମୁଣ୍ଡରେ ହାତ ରଖି ଏହି ବରର ସତ୍ୟାସତ୍ୟ ଜାଣିବାକୁ କହିଲେ। ଭସ୍ମାସୁର ହଠାତ ବିଷ୍ଣୁଙ୍କ ଉଦ୍ଦେଶ୍ୟ ବୁଝି ନପାରି ନିଜ ମୁଣ୍ଡରେ ହାତ ରଖି ନିଜକୁ ଧ୍ୱଂସ କରିଦେଲା ।

ଆଜି ଇରାନ ଏତେ ପରିମାଣରେ ବିଭିନ୍ନ ଦୂରତ୍ୱର କ୍ଷେପଣାସ୍ତ୍ର ରଖିଛି, ସିଏ ନିଜେ ଧ୍ୱଂସ ହେବା ପୂର୍ବରୁ ଆମେରିକା ସହିତ ବିଶ୍ୱ ଆର୍ଥିକ ଅବସ୍ଥାକୁ ପଙ୍ଗୁ କରିଦେବ । ଆମେରିକା ଯୁଦ୍ଧରେ ଏତେ କ୍ଷତିଗ୍ରସ୍ତ ହେଲାଣି ଯେ ସେ ଏବେ ଉପସାଗରୀୟ ଦେଶମାନଙ୍କ ଠାରୁ ଯୁଦ୍ଧ ପାଇଁ ଆର୍ଥିକ ସହାୟତା ମାଗୁଛି । ଇସ୍ରାଏଲ ନିଜକୁ ମୁସଲମାନ ରାଷ୍ଟ୍ରମାନଙ୍କ ମଧ୍ୟରେ ତିଷ୍ଠି ରହିବାକୁ ପ୍ରାଣପ୍ରଣେ ଉଦ୍ୟମ କରିବ । ତେଣୁ ସେ ଆମେରିକା ସହିତ ମିଶି ଇରାନର ପରମାଣୁ ପରୀକ୍ଷା ଗାର ଓ କ୍ଷେପଣାସ୍ତ୍ର ତିଆରି କରିବା କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚାହୁଁଛି।

ସବୁଠାରୁ ବଡ ବିପଦ ହେଲା ଯଦି ଇରାନର ପରମାଣୁ ବୋମା ଦାୟିତ୍ୱହୀନ ରାଷ୍ଟ୍ରନେତାଙ୍କ ହାତରେ ପଡ଼ିଯିବ ତେବେ ଏହା ସାରା ବିଶ୍ୱ ପାଇଁ ସଙ୍କଟ ସୃଷ୍ଟି କରିବ । ଇସ୍ରାଏଲ ଯଦି ଦୁର୍ବଳ ହୋଇଯାଏ ତେବେ ଉପସାଗରୀୟ ଦେଶମାନଙ୍କ ଉପରେ ଆମେରିକାର କର୍ତ୍ତୃତ୍ୱ ନଷ୍ଟ ହୋଇଯିବ ଓ ଇସ୍ରାଏଲ ଦୁର୍ବଳ ହେଲେ ଆମେରିକାର ପ୍ରଭାବ ଅନ୍ୟ ଦେଶମାନଙ୍କ ଉପରେ କମିଯିବ। ତେଣୁ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର ତିଆରି କରିବା କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବାରେ ଲାଗିଛନ୍ତି।

ପରମାଣୁ ଶକ୍ତି ସମ୍ପନ୍ନ ଇରାନ କେବଳ ଇସ୍ରାଏଲ ଓ ଆମେରିକା ଉପରେ ବିପଦ ହେବ ନାହିଁ ଏହା ଅନ୍ୟାନ୍ୟ ଦେଶମାନଙ୍କ ଉପରେ ମଧ୍ୟ ବିପଦ ସୃଷ୍ଟି କରିବ । ଏ ପରିସ୍ଥିତିରେ ଭାରତର ନେତୃବୃନ୍ଦ ଜାଣିବା ଦରକାର ଇରାନର ସୀମା ପାକିସ୍ତାନର ୧୦୦୦ କିଲୋମିଟର ସୀମାକୁ ଲାଗି ରହିଛି । ଯଦିଓ ଇରାନ ଭାରତର ବନ୍ଧୁ ରାଷ୍ଟ୍ର ତଥାପି ଭାରତକୁ ସଜାଗ ରହିବାକୁ ପଡିବ । ପାକିସ୍ତାନ ସାଙ୍ଗରେ ଯଦି ଯୁଦ୍ଧ ହୁଏ ତେବେ ଇରାନ ପ୍ରଥମେ ପାକିସ୍ତାନକୁ ସହାୟତା କରିବ । ଆମେରିକା ଓ ଇସ୍ରାଏଲ ବିରୋଧରେ ଦୀର୍ଘ ତିରିଶ ଦିନ କାଳ ଯୁଦ୍ଧ କରିବା ପରେ ଇରାନର ସାମରିକ କ୍ଷମତା ସାରା ବିଶ୍ୱକୁ ଚକିତ କରିଦେଇଛି । ଇରାନର କ୍ଷେପଣାସ୍ତ୍ର ଯେକୌଣସି ଦେଶ ଆଡକୁ ମୁହାଁଇ ପାରେ । ଦେଶର ସୁରକ୍ଷାକୁ ଆଖି ଆଗରେ ରଖି ସବୁ କ୍ଷେତ୍ରରେ କାର୍ଯ୍ୟରତ ଭାରତୀୟ ନେତୃବୃନ୍ଦ ଲୋକମାନଙ୍କ ଭିତରେ ପ୍ରଥମେ ଭାଇଚାରା ସୃଷ୍ଟି କରିବା ଦରକାର। ପାକିସ୍ତାନର ଆତଙ୍କବାଦୀ ହାମଲା, ନିରୀହ ଲୋକ ଓ ସୈନ୍ୟମାନଙ୍କର ବିନା ଯୁଦ୍ଧରେ ପ୍ରାଣହାନୀ, ବେରୋଜଗାରୀ, ଭୋଟ ବ୍ୟାଙ୍କ ରାଜନୀତି ଓ ଦୁର୍ନୀତି ଇତ୍ୟାଦି ଭାରତକୁ ଶକ୍ତିଶାଳୀ ହେବାକୁ ଦେଉନାହିଁ । ଭାରତର ନେତୃବୃନ୍ଦ ଜାତି, ଧର୍ମ, ଭାଷା, ଭାଷଣବାଜି ଓ ଭୋଟ ବ୍ୟାଙ୍କ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଦେଶକୁ ଶକ୍ତିଶାଳୀ କରିବା ଦରକାର ।

3 04.2026.pmd 1 4/2/2026, 5:09 PM

## ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ

ଭବାନୀପାଟଣା, ୨/୪(ନି.ପ୍ର):ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ନୀଳାଞ୍ଚଳ ପଟେଲଙ୍କ ସମେତ ମେଜର ଡ. ଜୟଦେବ ସାହୁ, ଡ. ଜୟନ୍ତ ଦଣ୍ଡସେନା ପ୍ରମୁଖ ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଷଷ୍ଠ ପର୍ଯ୍ୟାୟ +୩ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଡ. ପଟେଲଙ୍କ ଏହି ପରିଦର୍ଶନ ସ୍ଥାନୀୟ ମହାବିଦ୍ୟାଳୟର କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲା। ଡ. ପଟେଲ ଏହି କାର୍ଯ୍ୟକ୍ରମ ସହ ମହାବିଦ୍ୟାଳୟର ଅନ୍ୟାନ୍ୟ ବିଷୟ ଗୁଡ଼ିକ ବିଷୟରେ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡଙ୍କ ସହିତ ଆଲୋଚନା କରିବା ସହ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଡ. ପଟେଲଙ୍କ ଏହି କାର୍ଯ୍ୟକ୍ରମ ପାରମ୍ପରିକ ପୋଷାକ ଦିବସ ଦିନ ହୋଇଥିବା ବେଳେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ଦାଶ ତଥା ଅନ୍ୟ କର୍ମଚାରୀମାନଙ୍କ ସହିତ ପାରମ୍ପରିକ ପୋଷାକ ଓ ଖାଦ୍ୟର ଉପାଦେୟତା ଉପରେ ଆଲୋଚନା କରିବା ସହ ପରାମର୍ଶ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକଙ୍କ ଏହି ପରିଦର୍ଶନକୁ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମହଲରେ ପ୍ରଶଂସା କରାଯାଇଛି।

## ଖୋର୍ଦ୍ଧାରୋଡ ତିନି ମୁଖ୍ୟ ଟିକେଟ ନିରୀକ୍ଷକଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା

ଜଟଣୀ, ୨ ।୪(ନିପ୍ର): ଖୋର୍ଦ୍ଧାରୋଡ ରେଳମଣ୍ଡଳରେ କାର୍ଯ୍ୟରତ ତିନିଜଣ ମୁଖ୍ୟ ଟିକେଟ ନିରୀକ୍ଷକ ସରୋଜ ମଙ୍ଗରାଜ, କୁନା ସାହୁ , ବିଜୟ ସାହୁ ଓ ପ୍ରଭାକର ବରାଳଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏନେଇ ଆୟୋଜିତ ବିଦାୟକାଳୀନ ସଭାରେ ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା । ମଣ୍ଡଳ ଇନଚାର୍ଜ ଅନିଲ ମିଶ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ରବି ତେଜା ଓ ଅନ୍ୟାନ୍ୟ ଅତିଥି ଭାବେ ସହକାରୀ ପ୍ରବନ୍ଧକ ଧୀରେନ୍ଦ୍ର ପୁରୀ ଯୋଗ ଦେଇ ଅବସର ନେଇଥିବା କର୍ମଚାରୀଙ୍କ ପରବର୍ତ୍ତୀ ସମୟ ନିରୋଗ ନିରାମୟ ଜୀବନଯାପନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ କଂଗ୍ରେସ ବରିଷ୍ଠ ଉପଦେଷ୍ଟା ସତ୍ୟରଞ୍ଜନ ପଟ୍ଟନାୟକ, ଭି ତେଜାବତୀ, ସୁଚିତ୍ରା ବେହେରା , ନେତ୍ରାନନ୍ଦ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ , ଅମୂଲ୍ୟ ସାହୁ ଓ ଶ୍ରମିକ ୟୁନିଅନ କାର୍ଯ୍ୟକାରୀ ସଭାପତି କମ୍ରେଡ ରବିଶର୍ମାଙ୍କ ସମେତ ବହୁ ଟିକେଟ ଚେକିଙ୍ଗ ଷ୍ଟାଫ ଉପସ୍ଥିତ ଥିଲେ ।

## କୁଚିଣ୍ଡାରେ ଡିଜିଟାଲ ଜନଗଣନା ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା, ୨ ।୪ (ନିପ୍ର); ଏପ୍ରିଲ ୧ ତାରିଖରୁ ଦେଶରେ ଡିଜିଟାଲ ଜନଗଣନା ଆରମ୍ଭ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା ତହସିଲ ଠାରେ ଡିଜିଟାଲ ଜନଗଣନା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଚିଣ୍ଡା ତହସିଲଦାର ସରିତା ଓରାମ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଓକିଲ ସଂଘ ସଭାପତି ଅଇଠୁଁ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ଦୁଇଟି ପର୍ଯ୍ୟାୟରେ ଜନ ଗଣନା ହେବ। ପ୍ରଥମ ପର୍ଯ୍ୟାୟ ୧୬ ଏପ୍ରିଲରୁ ୧୫ ମଇ ପର୍ଯ୍ୟନ୍ତ ହେବ ଓ ଏଥିରେ ଘର ତାଲିକାକରଣ ଏବଂ ଗୃହ ଗଣନା କରାଯିବ। ଏଥିସହ ସହିତ ସ୍ୱୟଂ ଗଣନା ପ୍ରକ୍ରିୟା ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ଚାଲିବା ନେଇ ତହସିଲଦାର ଓରାମ ସୂଚନା ଦେଇଛନ୍ତି। ତେଣୁ ଜନସାଧାରଣ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ
## ଓଡ଼ିଶାର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ପାଇଁ ଆହ୍ୱାନ

ଭୁବନେଶ୍ୱର, ୨ ।୪ (ନିପ୍ର): ରାଜ୍ୟର ୯୧ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ଏମକେସିଜି ଅଡିଟୋରିୟମରେ ମହା ଆଡମ୍ବର ସହିତ ଓଡ଼ିଶା ଦିବସ ପାଳନ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା, ରେଜିଷ୍ଟ୍ରାର ସ୍ୱାତୀ ମିଶ୍ର ଏବଂ ଅର୍ଥ ନିୟନ୍ତ୍ରକ ମିନତୀ ପତିଙ୍କ ଉପସ୍ଥିତିରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଉପ-କୁଳପତି ପ୍ରଫେସର ପ୍ରସନ୍ନ କୁମାର



ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ପ୍ରଫେସର ସ୍ୱାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଭାବରେ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏବଂ ସୁସ୍ୱାଦୁ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର କିମ୍ବଦନ୍ତୀ ଏବଂ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ, ସେ ସାମୂହିକ ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରଫେସର ଦଣ୍ଡପାଟ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ପ୍ରଫେସର ଚିନାରା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସରଳା ଦେବୀ ଏବଂ ପାର୍ବତୀ ଗିରିଙ୍କ ସମେତ ନେତା ଏବଂ ମହାନ ବ୍ୟକ୍ତିମାନଙ୍କ ଅବଦାନକୁ ସ୍ମରଣ କରିଥିଲେ, ସେମାନେ ଭାରତର ଇତିହାସରେ ଏକ ,ଅଲିଭା ଛାପ ଛାଡିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ, ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରତିଷ୍ଠାନକୁ ଗୌରବ ଆଣିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଶିକ୍ଷକ ଏବଂ ଛାତ୍ରମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଜନଗଣନାରେ ସମସ୍ତଙ୍କ ସହଯୋଗ କାମନା କଲେ ରାଉରକେଲା ମହାନଗର ନିଗମ ଆୟୁକ୍ତ

ରାଉରକେଲା, ୨ ।୪ (ନିପ୍ର): ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନର ଉଦ୍ଦେଶ୍ୟ ନେଇ ଏପ୍ରିଲ ୧ ତାରିଖରୁ ରାଜ୍ୟବ୍ୟାପୀ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଥିବା ବେଳେ ଏଥିରେ ସମସ୍ତ ରାଉରକେଲାବାସୀଙ୍କ ସହଯୋଗ କାମନା କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର, ସୁଶ୍ରୀ ଦସ୍ତଗୀର୍ କହିଛନ୍ତି ଯେ, 'ଆମର ଜନଗଣନା,



ଆମର ବିକାଶ। ତେଣୁ ଜନଗଣନାକୁ ଅଧିକ ସହଜ ଓ ସରଳ କରିବା ଉଦ୍ଦେଶ୍ୟରେ ପ୍ରଥମ କରି ୨୦୨୬ ଏପ୍ରିଲ ୧ରୁ ଏପ୍ରିଲ୍ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ଜନସାଧାରଣ ପଞ୍ଜୀକୃତ ହେବାକୁ ଆହ୍ୱାନ ଦିଆଯାଉଛି।' ଜଣେ ଘରେ ବସି ନିଜର ସମସ୍ତ ତଥ୍ୟ ଜନଗଣନା ପୋର୍ଟାଲ https://se.census.gov.in ରେ ଦାଖଲ କରିପାରିବ। ସମସ୍ତ ତଥ୍ୟ ଦାଖଲ ପରେ ଯେଉଁ ସ୍ୱ-ଗଣନା ଆଇଡି ସୃଷ୍ଟି ହେବ, ତାହାକୁ ପାଖରେ ରଖିବା ସହ ଘରକୁ ଆସିବାକୁ ଥିବା ଗଣନାକାରୀଙ୍କ ନିକଟରେ ଉକ୍ତ ଆଇଡି ଦାଖଲ କରି ନିଜର ଜନଗଣନା ପ୍ରକ୍ରିୟା ସମ୍ପନ୍ନ କରି ପାରିବେ। ଏପ୍ରିଲ ୧୬ରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନାର ପ୍ରଥମ ପର୍ଯ୍ୟାୟ ତଥା ଗୃହ ଗଣନା ଆରମ୍ଭ ହେବାକୁ ଥିବା ବେଳେ ଘରକୁ ଆସିବାକୁ ଥିବା ଗଣନାକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର ଏଥିସହ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦିଆଯାଇଛି।

# ତିନି ବିଭାଗ ମଧ୍ୟରେ ଟଣାଟଣି ଯୋଗୁଁ ରାଜସ୍ୱ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନେଇ ଦ୍ୱନ୍ଦ୍ୱ

ଭାପୁର, ୨ ।୪ (ନିପ୍ର); ଜନସାଧାରଣଙ୍କୁ ତୃଣମୂଳ ସ୍ତରରେ ପ୍ରଶାସନିକ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ବିନିମୟରେ ଅନେକ ସରକାରୀ କାର୍ଯ୍ୟାଳୟ ଗ୍ରାମାଞ୍ଚଳରେ ଖୋଲୁଛନ୍ତି ମାତ୍ର,କେତେକ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଜନସାଧାରଣ ସେବା ପାଉ ନ ଥିବା ଅଭିଯୋଗ ହୋଇଛି। ଏହିଭଳି ଘଟଣା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ଗ୍ରାପ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଦେଖାଦେଇଛି। ଏହି କାର୍ଯ୍ୟାଳୟ ୩୭ ଲକ୍ଷ ଟଙ୍କାରେ ନିର୍ମାଣ ହୋଇ ଏବେ ଭୂତକୋଠିରେ ପରିଣତ ହୋଇଛି। ନିର୍ମାଣ କାର୍ଯ୍ୟ ସମୟରେ ଠିକାଦାର ବିଦ୍ୟୁତ ପାଇଁ ହୁକ ପକାଇ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ବିଭାଗର ଭିଜିଲାନ୍ସ ଟିମ ଚଢ଼ାଉକରି ଲଗାତାର ଦୁଇ ମାସରେ ୧ ଲକ୍ଷ ୮୦ ହଜାର ଟଙ୍କା ଫାଇନ କାଟିଥିବା ଯୋଗୁଁ ଏହି ଫାଇନ ଭରଣାକୁ ନେଇ ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ଟଣାଓଟରା ହୋଇ ନୂତନ ଗୃହ ଉଦଘାଟନ ହୋଇପାରୁନାହିଁ। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜନସାଧାରଣଙ୍କୁ ତ୍ୱରିତ



ସେବା ଯୋଗାଇ ଦେବା ପାଇଁ ରାଜ୍ୟର ସମସ୍ତ ବ୍ଲକର ତିନୋଟି ପଞ୍ଚାୟତକୁ ନେଇ ଗୋଟିଏ ଗୋଟିଏ ରାଜସ୍ୱ ନିରୀକ୍ଷକ ଅଫିସ ନିର୍ମାଣ କରିଛନ୍ତି। ସେହି ଆଧାରରେ ଭାପୁର ବ୍ଲକରେ ଥିବା ୨୦ ପଞ୍ଚାୟତରେ ୭ଟି ଆରଆଇ ଅଫିସ ନିର୍ମାଣ ହୋଇଛି।ପୂର୍ବରୁ ଫତେଗଡ, ବାଘୁଆପଲ୍ଲି, ମାରଡା ଓ ଗୋଳାପୋଖରୀ ଆରଆଇ ଅଫିସ ଥିଲାବେଳେ ନୂତନ ଭାବେ ରାକମା, ଭାପୁର ଓ ଶାଳପଡା ଠାରେ ତିନୋଟି ନୂତନ ଆରଆଇ ଅଫିସ ଖୋଲିଛି।ପ୍ରତ୍ୟେକ ଆରଆଇ ଅଫିସ ଗୃହ ନିର୍ମାଣ ପାଇଁ ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ଦ୍ୱିତଳ କୋଠାଘର ନିର୍ମାଣ ହୋଇଛି। ରାକମା ଓ ଭାପୁର ଠାରେ ନବ ନିର୍ମିତ କୋଠାଘରେ ଏକ ବର୍ଷ ହେଲା ଅଫିସ କାର୍ଯ୍ୟ ଆରମ୍ଭ ହେଲାଣି।

ମାତ୍ର ଶାଳପଡା ଅଫିସ କାର୍ଯ୍ୟ ଏପର୍ଯ୍ୟନ୍ତ ଲୋକାର୍ପିତ ହୋଇନାହିଁ। ଦୀର୍ଘ ୬ ମାସ ହେଲା ଏହାର ନିର୍ମାଣ ସରିଥିଲାବେଳେ ଏହା ରାଜସ୍ୱ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି ଆରଡ଼ି ବିଭାଗ କହୁଥିଲା ବେଳେ ରାଜସ୍ୱ ବିଭାଗ ଦାୟିତ୍ୱ ନେଇନାହିଁ ବୋଲି କହୁଛି। ଫଳରେ ଏଠାରେ ଅଫିସ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ।ଏହି ଅଫିସର କାର୍ଯ୍ୟ ବର୍ତ୍ତମାନ ପୂର୍ବପରି ଗୋଳାପୋଖରୀ ଆରଆଇ ଅଫିସରେ କାର୍ଯ୍ୟ କରୁଛି।ଉଲ୍ଲେଖଯୋଗ୍ୟ ଯେ ଏହି ଅଫିସ ଘର ନିର୍ମାଣ ସମୟରେ ଠିକାଦାର ହୁକ ପକାଇ କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ବିଭାଗ ବିଦ୍ୟୁତ ଚୋରି ଅଭିଯୋଗ ରେ ଦୁଇ ମାସ ମଧ୍ୟରେ ଦୁଇ ଥରରେ ଟାଟା ପାୱାର ଲିମିଟେଡ଼ ୬୦ ହଜାର ଓ ପର ମାସରେ ପୁନର୍ବାର ୧୨୦ ହଜାର ଜୋରିମାନା କାଟିଛି। ଏହା ପୁଣି ଶାଳପଡା ଆରଆଇଙ୍କ ନାମରେ।ଏହି ଫାଇନ କିଏ ଦେବ ସେ ନେଇ ବିବାଦ ସୃଷ୍ଟି ହୋଇଛି। ଫଳରେ ନୂତନ ବିଦ୍ୟୁତ ସଂଯୋଗ ହୋଇ ପାରୁନାହିଁ କି ଅଫିସ ଲୋକାର୍ପଣ ହୋଇ ପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯେଉଁ ଠିକାଦାରଙ୍କୁ କାର୍ଯ୍ୟ ଦେଇଥିଲା ତାଠାରୁ ଜୋରିମାନା ଆଦାୟ କରି ଫାଇନ ଭରଣା କରି ରାଜସ୍ୱ ବିଭାଗକୁ ଘର ହସ୍ତାନ୍ତର ଖୁବଶୀଘ୍ର କରୁ ବୋଲି ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରୀଆ କହିଛନ୍ତି। ଏହା ସହ ଭାପୁର ତହସିଲଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ, ଏସ.ଡି.ଓ. ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରି ଏହାର ସମାଧାନ କରିବାକୁ ଚିଠି କରିଛନ୍ତି। ବିଦ୍ୟୁତ ବିଭାଗ, ରାଜସ୍ୱ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଟଣାଓଟରା ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ବଳିପଡିଥିବାରୁ ଜିଲ୍ଲାପାଳ ଏ ନେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବହୁ ତ୍ୟାଗ ଦେଇଥିଲେ

ସୁନ୍ଦରଗଡ଼, ୨ ।୪ (ନିପ୍ର): ସୁନ୍ଦରଗଡ଼ ସଦର ମହକୁମାଠାରେ ଆୟୋଜିତ ହୋଇଯାଇଛି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ, ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏହି ଅବସରରେ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଅବଦାନ ଥିବା ଓଡ଼ିଶାର ସମସ୍ତ ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ନିଜ ମାଟି, ନିଜ ସଂସ୍କୃତି, ନିଜ ମାତୃଭାଷାକୁ ନେଇ ସର୍ବଦା ଗର୍ବ କରିବା ସହିତ ଏହାକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାର ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବହୁତ ତ୍ୟାଗ ଦେଇଥିଲେ, ସମସ୍ତ ଯୁବ ପିଢ଼ିମାନେ ସେହି ତ୍ୟାଗକୁ ସର୍ବଦା ସ୍ମରଣ କରିବା ସହିତ ଓଡ଼ିଶାକୁ ବିକାଶ ଦିଗରେ ଆହୁରି ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥି ଭାବେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇ ଓଡ଼ିଶାର ସମସ୍ତ ବରପୁତ୍ରମାନଙ୍କ ସ୍ମୃତି ଚାରଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ମାତୃଭାଷା ତଥା ଓଡ଼ିଆ ଜାତିକୁ ଆହୁରି ଆଗେଇ ନେବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟ ବିଭାଗ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ବିଭିନ୍ନ ଅନୁଷ୍ଠାନ ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସୁଶୀଳା ରଥ ଓ ଶେଷଦେବ ନନ୍ଦ ପରିଚାଳନା କରିଥିଲେ । ଏହି ଅବସରରେ ଏକ ଫଟୋ ଚିତ୍ର ପ୍ରଦର୍ଶନୀକୁ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ଏବଂ ପୌର ଅଧ୍ୟକ୍ଷା ତନୟା ମିଶ୍ର ଉଦ୍ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବରପୁତ୍ର ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ବିଭିନ୍ନ ଘଟଣାବଳୀ ଉପରେ ଫଟୋଚିତ୍ର ଗୁଡିକ ସ୍ଥାନିତ ହୋଇଥିଲା। ପବିତ୍ର ଓଡ଼ିଶା ଦିବସ ଉପଲକ୍ଷେ ଆଜି ପ୍ରାତଃ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସହର ସମେତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରସାଶନ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ରେଳବାଇ ପୋଲିସର ଶ୍ରେଷ୍ଠ ସହକାରୀ ଆରକ୍ଷୀ ନିରୀକ୍ଷକ ଭାବେ ଦିଲ୍ଲୀପ ସାହୁ ପୁରସ୍କୃତ

ନିରାକାରପୁର, ୨ ।୪ (ନିପ୍ର); ସରକାରୀ ରେଳବାଇ ପୋଲିସ, କଟକ ଜିଲ୍ଲା ପକ୍ଷରୁ ନିରାକାରପୁର ରେଳବାଇ ପୋଲିସ ସହକାରୀ ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ ସାହୁଙ୍କୁ ୨୦୨୫ ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବେ ସମ୍ମାନିତ କରାଯାଇଛି। ନିଜର ଦକ୍ଷତା, ଶୃଙ୍ଖଳା, ସମୟାନୁବର୍ତ୍ତିତା ଏବଂ କର୍ତ୍ତବ୍ୟନିଷ୍ଠା ପାଇଁ ସେ ଏହି ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଗତ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟକୁ ଭିତ୍ତି କରି ବିଚାରକ ମଣ୍ଡଳୀ ତାଙ୍କୁ 'ଶ୍ରେଷ୍ଠ ସହକାରୀ ଆରକ୍ଷୀ ନିରୀକ୍ଷକ' ଭାବେ ମନୋନୀତ କରିଥିଲେ। ରେଳବାଇ ପୋଲିସ ପ୍ରଶାସନ ତରଫରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ଭବାନୀ ଶଙ୍କର ଉଦ୍‌ଗାତା ତାଙ୍କୁ ମାନପତ୍ର ସହ ୧୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ତାଙ୍କର ଏହି କାର୍ଯ୍ୟଦକ୍ଷତା ବିଭାଗ ପାଇଁ ଗର୍ବର ବିଷୟ ହୋଇଥିବା ବେଳେ, ଆଗାମୀ ଦିନରେ ମଧ୍ୟ ସେ ଏହିଭଳି ମନୋଭାବ ନେଇ କାର୍ଯ୍ୟ କରି ପୋଲିସ ବିଭାଗର ସୁନାମ ବଜାୟ ରଖିବେ ବୋଲି ବିଭାଗୀୟ ଉଚ୍ଚ ପଦାଧିକାରୀ ଆଶା ପ୍ରକାଶ କରିଛନ୍ତି। ଶ୍ରୀ ସାହୁଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜିଲ୍ଲାର ସଂସ୍କୃତି ପରମ୍ପରାକୁ ନଷ୍ଟ କରୁଛି ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି, ୨ ।୪ (ନିପ୍ର); ଓଡ଼ିଶା ଦିବସରେ ଓଡ଼ିଶାର ନିର୍ମାତାଙ୍କ ମାଟିରେ ଅପମାନ ଓ ଅବହେଳାର ପରିଲକ୍ଷିତ ହୋଇଛି । ଓଡ଼ିଶା ଦିବସ ପାଳନରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ସାମିଲ ନ କରିବା, ସଭା ମଞ୍ଚର ଆଗରେ ବରପୁତ୍ରମାନଙ୍କ ଫୋଟ ରଖି ବସିବା, ପାଇକ ଆଖଡା ନୃତ୍ୟରେ ବୀରବାଦ୍ୟଯନ୍ତ୍ର ନ ବାଜିବା ଆଦି ବ୍ୟତିକ୍ରମ ଗୁଡିକ ତାହାବି ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାରଙ୍କ ଭୁମିରେ। ଏପରି ଘଟଣା ଗୁଡିକୁ ଚଳିତ ବର୍ଷ ଦେଖିଲେ ତାଙ୍କୁ ଅପମାନ କଲା ଭଳି ମନେ ହେଉଛି । ନାମକୁ କାମଚଳା କାର୍ଯ୍ୟକ୍ରମ କରି ଦାୟୀତ୍ୱ ସାରି ଦେଉଛି ଜିଲ୍ଲା ପ୍ରଶାସନର ସଂସ୍କୃତି ବିଭାଗ । ମହାରାଜାଙ୍କ ନିଜସ୍ୱ ପ୍ରତିଷ୍ଠାନ, ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ଓ ଅନ୍ୟାନ୍ୟ ଅନୁଷ୍ଠାନ, ସ୍ଥାନୀୟ ଜନପ୍ରତିନିଧିଙ୍କୁ ମଧ୍ୟ ଅଣ ଦେଖା କରାଯାଇଥିବା ଅଭିଯୋଗ ହୋଇଛି । କାର୍ଯ୍ୟକ୍ରମରେ ସାମିଲ ହେଉଥିବା ପାଇକ ଆଖଡ଼ା ଭଳି ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ବୀର ବାଦ୍ୟଯନ୍ତ୍ରର ମଧ୍ୟ ବ୍ୟବସ୍ଥା କରିପାରିନି ବିଭାଗ । ଯାହା କଳାକାରଙ୍କୁ ଅସମ୍ମାନ ବୋଲି ଆଲୋଚନା ହେଉଛି । ଯେଉଁ ବୀରବାଦ୍ୟର ତାଳେ ତାଳେ ଖଣ୍ଡା ବୁଲାଇବା ତାହା ଚଳିତ ବର୍ଷ ପରିଲକ୍ଷିତ ହେଲାନାହିଁ । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏହାର ପ୍ରତିବାଦ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେବେ ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ । ସେହିପରି ଆରସେଟି ସମ୍ମେଳନ କକ୍ଷ ଠାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମର ମଞ୍ଚ ଉପରେ ଅତିଥି ମାନଙ୍କ ଚେୟାର ଟେବୁଲ ଆଗରେ ବରପୁତ୍ରମାନଙ୍କ ଫଟୋ ଚିତ୍ର ଗୁଡିକୁ ରଖାଯାଇଥିଲା । ଯଦି ଅତିଥିମାନେ ମଞ୍ଚାସୀନ ହୋଇ ବସନ୍ତି ତେବେ ସେମାନଙ୍କ ପାଦ ଆଗରେ ଏମାନେ ରହିବେ। ଏପରି ସ୍ଥିତିରେ ବରପୁତ୍ରମାନଙ୍କ ରଖାଯାଇଥିବାରୁ ନାନାଦି ଆଲୋଚନା ହେଉଛି । ଅନ୍ୟ ପକ୍ଷରେ ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ସ୍ୱତନ୍ତ୍ର ଉତ୍କଳର ନିର୍ମାତାଙ୍କ ମାଟିରେ ବାରମ୍ବାର ଓଡ଼ିଆ ଅସ୍ମିତାକୁ ଅପମାନ କରିବା ସହ ସଂସ୍କୃତି କୁ ନଷ୍ଟ କରୁଛନ୍ତି ଖୋଦ ଦାୟୀତ୍ୱ ରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ । ତେଣୁ ସରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଦିନେ କି ଦୁଇଦିନ ନୁହଁ ଦୀର୍ଘ ବର୍ଷ ଧରି ସେ ଏଠାରେ ଅବସ୍ଥାପିତ ଅଛନ୍ତି । ଆଉ ଓଡ଼ିଆ ପର୍ବ ପାଳନ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତୁତି ହୋଇଥିଲା ତଥାପି ଜାଣି ଶୁଣି ପରମ୍ପରାକୁ ଭଙ୍ଗ କରାଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀମାନେ । ଅନ୍ୟ ପକ୍ଷରେ ଏ ଗୋଟିଏ ଘଟଣା ନୁହେଁ ଯା ପୂର୍ବରୁ ଜିଲ୍ଲା ସଂସ୍କୃତି ଅଧିକାରୀ ବହୁବାର ବିଭିନ୍ନ ସମୟରେ ଜାଣିଶୁଣି ଅନଦେଖା କରିଥିବା ନଜିର ରହିଛି । ଗଜପତି ଉତ୍ସବ ପାଳନ ବେଳେ ରଙ୍ଗବତୀ ଗୀତ ପରେ ଜାତୀୟ ସଂଗୀତ ଗାନ ହେଉକି ସୁଭଦ୍ରା ମେଳାରେ ଧୂମଧାଡାକା ଗୀତ ପରିବେଷଣ ହେଉକି, ଓଡିଆର ବିକୃତ ଲେଖା ହେଉକି, ଜଗନ୍ନାଥ ଜଣାଣରେ ଫେସନ ଶୋ ହେଉ କିମ୍ବା କୃଷିଯନ୍ତ୍ରପାତି ମେଳାରେ ବିନା କୃଷକରେ ଅଧିକାରୀଙ୍କ ନୃତ୍ୟ ଘଟଣା ହେଉକି ଏପରି ଓଡିଆ ଭାଷା ଓ ସଂସ୍କୃତିକୁ ହତ୍ୟା କରୁଛି ଜିଲ୍ଲା ପ୍ରଶାସନ ବୋଲି ବୁଦ୍ଧିଜୀବୀ ପ୍ରନୋଜ ପଟ୍ଟନାୟକ କହିଛନ୍ତି । ଚଳିତ ଜାନୁୟାରୀ ମାସରୁ ଯେତିକି ସରକାରୀ କାର୍ଯ୍ୟକ୍ରମ ଜିଲ୍ଲାସ୍ତରରେ କିମ୍ବା ଆଞ୍ଚଳିକ ସ୍ତରରେ ହୋଇଛି ସବୁଥିରେ ଓଡ଼ିଆ ଅସ୍ମିତା ସହ ଖେଳ ଖେଳାଯାଇଥିବାର କହିଛନ୍ତି । ତେବେ ଏସବୁ ଘଟଣା ପୂର୍ବରୁ ଘଟୁନଥିବା ବେଳେ ଏବେ ବିଶେଷ କରି ଜାନୁୟାରୀ ମାସରୁ ହେଉଥିବା କାର୍ଯ୍ୟକ୍ରମ ଗୁଡିକରେ ତ୍ରୁଟି ପରିଲକ୍ଷିତ ହେଉଛି । ଜିଲ୍ଲାର ଜିଲ୍ଲା ମୁଖିଆଙ୍କ ଆନ୍ତରିକତା ଅଭାବ କିମ୍ବା ନିରୀକ୍ଷଣ, ସମୀକ୍ଷା, ପରିଦର୍ଶନ ଆଦି ନଥିବା ଯୋଗୁଁ ଏପରି ତ୍ରୁଟି ହେଉଥିବାରୁ ଗଜପତିରେ ଜିଲ୍ଲାର ସଂସ୍କୃତି ପରମ୍ପରାକୁ ନଷ୍ଟ କରୁଥିବା ହୃଦବୋଧ ହେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏପରି ବାରମ୍ବାର ହେଉଥିଲେ ମଧ୍ୟ ତ୍ରୁଟି ସୁଧାରିବା ପରିବର୍ତ୍ତେ ସମସ୍ତ ଅଭିଯୋଗକୁ ଖାମଖିଆଲି ଭାବରେ ପ୍ରଶାସନ ନେଉଛି ବୋଲି ଆଲୋଚନା ହେବା ସହ ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି ।

## ପଞ୍ଚୁଦୋଳ ପୁସ୍ତକ ମେଳାର ବୈଠକ

କୃଷ୍ଣପ୍ରସାଦ, ୨ ।୪ (ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଏକମାତ୍ର ପଞ୍ଚୁଦୋଳ ପୁସ୍ତକ ମେଳାର ବୈଠକ ମାଲୁଦ ପଞ୍ଚୁଦୋଳ ପଡିଆ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ସଭାପତି ଉଲ୍ଲାସ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବିଗତ ପୁସ୍ତକ ମେଳାର ଆୟ ବ୍ୟୟ ହିସାବକୁ ଉପସ୍ଥାପିତ କରିଥିଲେ। ପୁସ୍ତକ ମେଳା କୁ ରେଜିଷ୍ଟ୍ରେସନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ପୁସ୍ତକ ମେଳା କିପରି ଆଗକୁ ବଢ଼ି ଚାଲିବ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଉତ୍କଳ ଦିବସ ଉପଲକ୍ଷେ କବିତା ପାଠ କବି ମାନେ କରିଥିଲେ। ଉକ୍ତ ସଭାରେ ପ୍ରଦୀପ କୁମାର ଦାସ, କାଶୀନାଥ ଜେନା, ଦେବରାଜ ଜେନା, ଅଶୋକ କୁମାର ଜେନା, ବିଦ୍ୟାଧର ପ୍ରଧାନ, ବାବୁଲା ନାୟକ, ରୁପାଲୀ ପଲେଇ, ପ୍ରବୀଣା ଦାସ ପ୍ରମୁଖ କବିତାପାଠ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ

# ଯାଜପୁର ଜିଲ୍ଲାର ଏକ ସମୃଦ୍ଧ ଇତିହାସ ରହିଛି : ନଗର ଉନ୍ନୟନ ମନ୍ତ୍ରୀ

ଯାଜପୁର, ୨ ।୪ (ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ- ୨୦୨୬ ଏବଂ ଯାଜପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଡ. ମହାପାତ୍ର ଯାଜପୁର ସହରର ବିଭିନ୍ନ ସ୍ଥାନ ଗସ୍ତ କରି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହା ପରେ ସଂସ୍କୃତି ଭବନ ପରିସରରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର ବକ୍ତବ୍ୟରେ କହିଥିଲେ ଯେ, ମହାରାଜ ଯଯାତି କେଶରୀଙ୍କ ନାମରେ ନାମିତ ଯାଜପୁର ଜିଲ୍ଲାରେ ଏକ ସମୃଦ୍ଧ ଇତିହାସ ରହିଛି। ଯାଜପୁରରେ ଅନେକ ବିଦଗ୍ଧ କବି, ସନ୍ଥ, ସାହିତ୍ୟିକ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ଏବଂ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଜାତୀୟ ଜାଗରଣର ଅଗ୍ରଣୀ ନେତୃତ୍ୱ ବିଚିତ୍ରାନନ୍ଦ ଦାସଙ୍କ ଜନ୍ମଭୂମି ହେଉଛି ଯାଜପୁର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆଙ୍କ ପ୍ରମୁଖ ସ୍ୱର ସାଜିଥିବା



'ଉତ୍କଳ ଦୀପିକା'ର ପ୍ରକାଶନରେ ବିଚିତ୍ରାନନ୍ଦ ଦାସଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ। ଏହାସହ ଯାଜପୁର ସହରରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ହୋଇଥିବା ବିକାଶମୂଳକ ପଦକ୍ଷେପ ଏବଂ ପୌର ପରିଷଦ ପକ୍ଷରୁ ବାରୁଣୀ ମେଳାର ସଫଳ ଆୟୋଜନ ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀ ପ୍ରଭା ଜେନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପଛରେ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ, ମହାନତା ସମ୍ପର୍କରେ ବକ୍ତବ୍ୟ ଦେବା ସହ ଉତ୍କଳ ଭଳି ମହାନ୍ ରାଜ୍ୟ ଏ ଧରା ପୃଷ୍ଠରେ ନାହିଁ ବୋଲି ଶାସ୍ତ୍ର ଉକ୍ତିକୁ ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆଜି ୯୦ ବର୍ଷରେ ପଦାର୍ପଣ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା ସାହିତ୍ୟ, ବିସ୍ତୃତ ବେଳାଭୂମି, ଖଣିଜ ସମ୍ପଦ, ଗୋପବନ୍ଧୁଙ୍କ ଭଳି ବରପୁତ୍ର ମାନଙ୍କ ଆଦର୍ଶକୁ ନେଇ ଆମର ଏକ ସ୍ୱତନ୍ତ୍ର ପରିଚୟ ଅଛି। ସେହି ପରିଚୟକୁ ଆମେ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ଆବଶ୍ୟକ। ସ୍ୱାଭିମାନୀ ଓଡ଼ିଆ ଭାବେ ଆମେ ଏକତା ସୂତ୍ରରେ ବାନ୍ଧି ରହିଲେ ହିଁ ଜାତିର ଉନ୍ନତି ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ମଞ୍ଚାସୀନ ଅତିଥି ଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ।

## ‘କର୍ମଯୋଗୀ ସାଧନା ସପ୍ତାହ’କୁ ସମ୍ବୋଧନ କଲେ ମୋଦି

# ବର୍ତ୍ତମାନର ଉଦ୍ୟମକୁ ଭବିଷ୍ୟତର ବିଶାଳ କାନଭାସରେ ଦେଖିବା ଉଚିତ



ନୂଆଦିଲ୍ଲୀ,୨।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ‘କର୍ମଯୋଗୀ ସାଧନା ସପ୍ତାହ’କୁ ସମ୍ବୋଧନ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭକାମନା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମ ଦକ୍ଷତା ବିକାଶ ଆୟୋଗ (ସିବିସି)ର ପ୍ରତିଷ୍ଠା ଦିବସ ସହିତ ସମନ୍ୱିତ। ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ସହିତ ତାଳ ଦେଇ ଚାଲିବା ନିମନ୍ତେ ସାର୍ବଜନୀନ ସେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରିବର୍ତ୍ତନଶୀଳ ବିଶ୍ୱ ବ୍ୟବସ୍ଥା ମଧ୍ୟରେ ଭାରତ ଦ୍ରୁତ ଗତିରେ ଅଗ୍ରସର ହେଉଛି ଏବଂ ଏହାର ଶାସନ ବ୍ୟବସ୍ଥାକୁ ନିରନ୍ତର ଅପଡେଟ କରିବାକୁ ପଡିବ। “କର୍ମଯୋଗୀ ସାଧନା ସପ୍ତାହ ୨୧ତମ ଶତାବ୍ଦୀରେ ଆମ ସାର୍ବଜନୀନ ସେବାକୁ ସମୟୋପଯୋଗୀ ଓ ପ୍ରତିକ୍ରିୟାଶୀଳ ରଖିବା ପାଇଁ ସେହି ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଅଟେ,” ବୋଲି ମୋଦି କହିଛନ୍ତି। ଆଜିର ଶାସନର ମୂଳ ଦର୍ଶନ ବିଷୟରେ ବ୍ୟାଖ୍ୟା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଶାସନକୁ ଚଳାଇବାର ମୂଳ ମନ୍ତ୍ର ହେଉଛି ‘ନାଗରିକ ଦେବୋ ଭବ’ ଅର୍ଥାତ୍ ନାଗରିକଙ୍କୁ ସର୍ବୋଚ୍ଚ ସ୍ଥାନ ଦେବା। ସେ କହିଛନ୍ତି ଯେ, ସାର୍ବଜନୀନ ସେବାକୁ ନାଗରିକମାନଙ୍କ ପ୍ରତି ଅଧିକ କ୍ଷମତାଶୀଳ ଏବଂ ଅଧିକ ସମ୍ବେଦନଶୀଳ ହେବା ପାଇଁ ପୁନଃନିର୍ଦ୍ଦିଷ୍ଟ କରାଯାଉଛି। ‘ପ୍ରଶାସନକୁ ପ୍ରକୃତରେ ନାଗରିକ-କୈନ୍ଦ୍ରିକ କରି ଏବେ ଏକ ନୂତନ ପରିଚୟ ଦିଆଯାଉଛି,’ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି। ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କର ବର୍ତ୍ତମାନର କାର୍ଯ୍ୟକୁ ଭବିଷ୍ୟତର ବୃହତ୍ତର କାନଭାସରେ ଦେଖିବା ପାଇଁ ଆହ୍ୱାନ କରି, ସେ ସେମାନଙ୍କୁ ନିରନ୍ତର ଚିନ୍ତନ କରିବାକୁ କହିଛନ୍ତି। ସେମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି କିପରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିପାରିବ ଏବଂ ବ୍ୟକ୍ତିଗତ ପରିବର୍ତ୍ତନ କିପରି ସାଂଗଠନିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି।

# ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨।୪: ମମତା ଦିଦି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା । ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ମାଲଦାରେ ଏସଆଇଆରରେ ନିୟୋଜିତ ତିନି ମହିଳା ଅଧିକାରୀଙ୍କୁ ଆକ୍ରମଣ ହୋଇଥିଲା ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ । ମୁଖ୍ୟ ସଚିବ, ଗୃହ ସଚିବ, ପୋଲିସ ଡିଜିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ।ଏସଆଇଆରର ସୁପରିଚାଳନା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଏହି ଅଧିକାରୀମାନେ ଯେଉଁଠାରେ ରହୁଛନ୍ତି ସେଠାରେ ସୁରକ୍ଷା ଯୋଗାଇ ଦେବାକୁ କୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ, ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯିବା ଉଚିତ। ନିର୍ବାଚନ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ, ଏବଂ ରାଜ୍ୟ ସରକାର କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବା ଉଚିତ। ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶରେ ଏହା ମଧ୍ୟ କହିଛନ୍ତି ଯେ ଦାବି ସମାଧାନ ହେଉଥିବା ସମୟରେ ପାଞ୍ଚ ଜଣରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଅନୁମତି ଦିଆଯିବ ନାହିଁ। ଖଣ୍ଡପୀଠ ମୁଖ୍ୟ ସଚିବ, ଡିଜିପି, ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପୋଲିସ ଅଧିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ସେମାନଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହା ବୁଝାନ୍ତୁ। କୋର୍ଟ ଏହି ଅଧିକାରୀମାନଙ୍କୁ ଏପ୍ରିଲ ୬ ରେ ଅନଲାଇନ୍ ଶୁଣାଣିରେ ଉପସ୍ଥିତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ନିର୍ବାଚନ କମିଶନଙ୍କୁ ଘଟଣାର ତଦନ୍ତ ଏକ ନିରପେକ୍ଷ ସଂସ୍ଥା, ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପେଟ୍ରୋକେମିକାଲ ସାମଗ୍ରୀରେ ସୀମା ଶୁଳ୍କ ଛାଡ

ନୂଆଦିଲ୍ଲୀ,୨।୪: ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଥିବା ବେଳେ ଘରୋଇ ଶିଳ୍ପକୁ ସୁରକ୍ଷା ଦେବାପାଇଁ କେନ୍ଦ୍ର ସରକାର ଏକ ବଡ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାର ଜୁନ ୩୦, ୨୦୨୬ ଯାଏଁ ପ୍ରମୁଖ ପେଟ୍ରୋକେମିକାଲ ଉତ୍ପାଦଗୁଡିକ ଉପରେ ପୂର୍ଣ୍ଣ କଷ୍ଟମ୍ସ ଡ୍ୟୁଟି ବା ଆମଦାନୀ ଶୁଳ୍କ ଛାଡ କରିବାକୁ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ପ୍ଲାଷ୍ଟିକ , ଔଷଧ, ବୟନ ଶିଳ୍ପ ଓ ଅଟୋ ମୋଟିଭ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ଇନପୁଟ ଖର୍ଚ୍ଚ ହ୍ରାସ ପାଇବା ସହ ବଜାରରେ ଚୂଡାନ୍ତ ଉତ୍ପାଦର ମୂଲ୍ୟ କମିବ ବୋଲି ଆଶା କରାଯାଉଛି। ଏଥି ସହିତ ଗ୍ୟାସ ସଙ୍କଟର ମୁକାବିଲା ପାଇଁ ବାଣିଜ୍ୟିକ ଏଲପିଜି ବ୍ୟବହାର ଉପରେ ଏପ୍ରିଲ ୧ରୁ କଠୋର ନିୟମ ଲାଗୁ କରାଯାଇଛି । ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଆମୋନିୟମ ନାଇଟ୍ରେଟ, ମେଲାମାଇନ, ମିଥାନାଲ ଓ ଆସେଟିକ ଏସିଡ ଭଳି ଜରୁରୀ କଞ୍ଚାମାଲ ଉପରୁ ଟିକସ ହଟାଇ ଦିଆଯାଇଛି । ଯାହା ଘରୋଇ ଉତ୍ପାଦନକାରୀଙ୍କୁ ବଡ ସହାୟତା ପ୍ରଦାନ କରିବ। ଅନ୍ୟପଟେ, ପେଟ୍ରୋଲ ଓ ଡିଜେଲ ଉପରେ ୧୦ ଟଙ୍କାର ରିହାତି ଜାରି ରହିଥିବା ବେଳେ ଏଲପିଜି ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି । ବିଶେଷ କରି ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ତିନି ଗୁଣ ବୃଦ୍ଧି ପାଇଥିବାରୁ ସରକାର କଳାବଜାରୀ ରୋକିବା ପାଇଁ ନୂଆ କେୱାଇସି ନିୟମ ବାଧ୍ୟତାମୂଳକ କରିଛନ୍ତି ।

## ରାଜ୍ୟସଭାର ଉପନେତା ପଦରୁ ହଟିଲେ ରାଘବ ଚଢ଼ା



ନୂଆଦିଲ୍ଲୀ,୨।୪: ସାଂସଦ ରାଘବ ଚଢ଼ାଙ୍କୁ ରାଜ୍ୟସଭାରେ ଏହାର ଉପନେତା ପଦରୁ ହଟେଇ ଦେଇଛି। ରାଘବ ୨୦୨୩ ମସିହାରୁ ଏହି ପଦବିରେ ଥିଲେ। ତାଙ୍କ ସ୍ଥାନରେ ପଞ୍ଜାବ ସାଂସଦ ଅଶୋକ ମିତ୍ତଲଙ୍କୁ ଆପ୍ ଦଳ ଉପନେତା କରିଛି। ରାଜ୍ୟସଭା ସଚିବାଳୟକୁ ଆଧିକାରିକ ଭାବେ ଦଳ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ଆପର ଏହି ପଦକ୍ଷେପ ପରେ ଦଳରେ ଫାଟ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି। ମିତ୍ତଲ କହିଛନ୍ତି, ସମସ୍ତଙ୍କୁ ସୁଯୋଗ ମିଳିବା କଥା ବୋଲି ଦଳ ଅନୁଭବ କରି ଏହି ପଦକ୍ଷେପ ନେଇଛି। ତେବେ ଆପ୍ ଏବଂ ଏହାର ପ୍ରମୁଖ ନେତାଙ୍କ ପ୍ରସଙ୍ଗରେ ରାଘବଙ୍କ ନିରବତା ଯୋଗୁଁ ଦଳ ପକ୍ଷରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କ ଗିରଫଦାରୀ ସମୟରେ ରାଘବ ଆଖିରେ ଅସ୍ତ୍ରୋପଚାର ଆଳରେ ଲଣ୍ଡନ ଯାଇଥିଲେ ଓ ଏହି ପ୍ରସଙ୍ଗ ଉପରେ କୌଣସି ମନ୍ତବ୍ୟ ରଖିନଥିଲେ। ଏହାକୁ ନେଇ ସେତେବେଳେ ବିବାଦ ଦେଖାଯାଇଥିଲା। କୋର୍ଟ ନିକଟରେ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ କେଜ୍ରିୱାଲ ଓ ମନିଷ ସିସୋଦିଆଙ୍କୁ ଦୋଷମୁକ୍ତ କରିଥିଲେ ମଧ୍ୟ ରାଘବ କୌଣସି ପ୍ରତିକ୍ରିୟା ରଖି ନଥିଲେ। ଆପର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ରାଘବ ଚଢ଼ା ଉପସ୍ଥିତ ନଥାନ୍ତି। ପେସାରେ ଜଣେ ଆକାଉଣ୍ଟାଟ ରାଘବ ୨୦୧୨ରେ ଆପ୍ ପ୍ରତିଷ୍ଠା ହେବା ପରଠାରୁ ଦଳରେ ଅଛନ୍ତି। ରାଘବ ବର୍ତ୍ତମାନ ପଞ୍ଜାବରେ ଦଳର ସହ ପ୍ରଭାରୀ ଅଛନ୍ତି।

## ପାକ୍ ନାଗରିକଙ୍କ ପାଇଁ ଭିସା-ଅନ୍-ଆରାଇଭାଲକୁ ସ୍ଥଗିତ କଲା କତାର

ନୂଆଦିଲ୍ଲୀ,୨।୪: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ,କତାର ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା-ଅନ୍-ଆରାଇଭାଲ୍ ନୀତିକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛି,ଖ୍ଲିଜ ଟାଇମ୍ସର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି । କତାରରେ ଥିବା ପାକିସ୍ତାନ ଦୂତାବାସ ଏହାର ନାଗରିକଙ୍କ ପାଇଁ ଭିସା-ଅନ୍-ଆରାଇଭାଲ୍ ଅସ୍ଥାୟୀ ବାତିଲ ସମ୍ପର୍କରେ ଏକ ପରାମର୍ଶ ଜାରି କରିଛି। କତାର ଯାତ୍ରା କରିବାକୁ ଚାହୁଁଥିବା ପାକିସ୍ତାନୀ ନାଗରିକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବର୍ତ୍ତମାନ ପରିସ୍ଥିତି ଯୋଗୁଁ ଭିସା-ଅନ୍-ଆରାଇଭାଲ୍ ସୁବିଧା ଉପଲବ୍ଧ ନାହିଁ ବୋଲି ଦୂତାବାସ କହିଛି । କତାରକୁ ଯାଉଥିବା ସମସ୍ତ ପାକିସ୍ତାନୀ ଯାତ୍ରୀଙ୍କୁ ଅସୁବିଧା ଏଡାଇବା ପାଇଁ ଯାତ୍ରା ପୂର୍ବରୁ ଉପଯୁକ୍ତ ଭିସା ହାସଲ କରିବାକୁ ପରାମର୍ଶ ଦିଆଯାଉଛି, ଖ୍ଲିଜ ଟାଇମ୍ସ ଦ୍ୱାରା ପ୍ରାପ୍ତ ଏକ ବିବୃତିରେ ଏହା ଆହୁରି ମଧ୍ୟ କୁହାଯାଇଛି ।

## ଭାରତୀୟ ପ୍ରତିରକ୍ଷା ରପ୍ତାନିରେ ଐତିହାସିକ ସଫଳତା

# ୩୮ ହଜାର ୪୨୪ କୋଟି ଟଙ୍କାର ସର୍ବକାଳୀନ ରେକର୍ଡ




ନୂଆଦିଲ୍ଲୀ,୨।୪: ଭାରତୀୟ ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ରପ୍ତାନି ୩୮,୪୨୪ କୋଟି ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଏହି ସୂଚନା ଦେଇ କହିଛନ୍ତି ଯେ, ଗତ ଆର୍ଥିକ ବର୍ଷ ତୁଳନାରେ ଏଥିରେ ପ୍ରାୟ ୬୨.୬୬ ପ୍ରତିଶତର ଏକ ବିରାଟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଉପରେ ବିଶ୍ୱର ବଢୁଥିବା ଭରସାକୁ ପ୍ରମାଣିତ କରୁଛି । ଏହି ଅଭୂତପୂର୍ବ ସଫଳତା ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରକୁ ଏକ ନୂତନ ଶକ୍ତି ପ୍ରଦାନ କରିବା ସହ ଭାରତକୁ ଏକ ପ୍ରତିରକ୍ଷା ରପ୍ତାନିକାରୀ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ସ୍ଥାପିତ କରିଛି। ଏହି ସଫଳତା ସମ୍ପର୍କରେ ଅଧିକ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ମାତ୍ର ବର୍ଷକ ମଧ୍ୟରେ ରପ୍ତାନିରେ ୧୪,୮୦୨ କୋଟି ଟଙ୍କାର ବୃଦ୍ଧି ଘଟିଛି । ଏହି ସଫଳତାରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମୁଦାୟ ରପ୍ତାନିରେ ସରକାରୀ ପ୍ରତିରକ୍ଷା ଉଦ୍ୟୋଗଗୁଡ଼ିକର ଅବଦାନ ୫୪.୮୪ ପ୍ରତିଶତ ରହିଥିବା ବେଳେ ଘରୋଇ ଶିଳ୍ପଗୁଡ଼ିକ ୪୫.୧୬ ପ୍ରତିଶତ ଅଂଶ ଗ୍ରହଣ କରିଛନ୍ତି । ଏହି ପରିସଂଖ୍ୟାନ ଦର୍ଶାଉଛି ଯେ ଭାରତର ''ଆତ୍ମନିର୍ଭର ଭାରତ'' ଅଭିଯାନ ସଫଳତାର ସହ ଆଗକୁ ବଢୁଛି । ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରତିରକ୍ଷା ରପ୍ତାନି ଗତ କିଛି ବର୍ଷ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରପ୍ତାନି ପରିମାଣ ୨୧,୦୮୩ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୨୩,୬୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଚଳିତ ବର୍ଷର ୩୮,୪୨୪ କୋଟି ଟଙ୍କାର ରପ୍ତାନି ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷମତା ଏବଂ ଉନ୍ନତ ନିର୍ମାଣ ଶୈଳୀର ପ୍ରତିଫଳନ ବୋଲି ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଏହି ମାଇଲଖୁଣ୍ଟ ସରକାର ଓ ଘରୋଇ ଶିଳ୍ପ ମଧ୍ୟରେ ସହଯୋଗୀ ପରିବେଶକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ମିନିଟ୍ରକକୁ ପିଟିଲା ଟ୍ରକ: ୭ ମହିଳା ମୃତ




ନୂଆଦିଲ୍ଲୀ,୨।୪ : ମହାରାଷ୍ଟ୍ରର ଜାଲନା ଜିଲ୍ଲାରେ ଏକ ଦ୍ରୁତଗାମୀ ଟ୍ରକ୍ ଶ୍ରମିକଙ୍କୁ ନେଇ ଯାଉଥିବା ମିନିଟ୍ରକକୁ ଧକ୍କା ଦେବାରୁ ୭ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ସମୃଦ୍ଧି ଏକ୍ସପ୍ରେସୱେର କାଡୱାଞ୍ଚି ଗାଁ ନିକଟରେ ହୋଇଥିଲା। ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ୭ଟି ଅମୂଲ୍ୟ ଜୀବନ ଅକାଳରେ ଚାଲି ଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମହିଳାମାନେ ଏକ୍ସପ୍ରେସୱେରେ ଚାଲିଥିବା କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଦୁର୍ଘଟଣା ପୂର୍ବରୁ ସେମାନେ ମିନିଟ୍ରକରେ କାର୍ଯ୍ୟସ୍ଥଳକୁ ଆସୁଥିଲେ। ମୁମ୍ବାଇ ଯାଉଥିବା ଏକ ଟ୍ରକ ପଛ ପଟରୁ ଦ୍ରୁତ ଗତିରେ ଆସି ମିନିଟ୍ରକକୁ ଜୋରଦାର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୭ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ଯୋଗୁ ଲୋକ ଇଆଡ଼େ ସିଆଡ଼େ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ପୁଲିସ ଓ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ପୁଲିସ ଟ୍ରକ୍ ଡ୍ରାଇଭରକୁ ହେପାଜତକୁ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣାର ତଦନ୍ତ କରୁଛି।

## ପ୍ରିପେଡ୍ ମିଟର ବାଧ୍ୟତାମୂଳକ ନୁହେଁ: କେନ୍ଦ୍ର



ନୂଆଦିଲ୍ଲୀ,୨।୪: ବିଦ୍ୟୁତ୍ ଗ୍ରାହକମାନଙ୍କ ପାଇଁ ପ୍ରିପେଡ୍ ମିଟର୍ ଲଗାଇବା ବାଧ୍ୟତାମୂଳକ କରାଯାଇନାହିଁ। ଲୋକସଭାରେ ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟର ଏହି ସୂଚନା ଦେଇଛନ୍ତି। କିଛି ଘରୋଇ କମ୍ପାନି ପ୍ରିପେଡ୍ ବିଦ୍ୟୁତ୍ ମିଟର ଲଗାଇବା ଉପରେ ଜୋର ଦେଉଛନ୍ତି। ସରକାର ମଧ୍ୟ ସମାନ ଢଙ୍ଗରେ ବିଦ୍ୟୁତ୍ ଗ୍ରାହକଙ୍କୁ ସେଭଳି ମିଟର ଲଗାଇବାକୁ ବାଧ କରୁଛନ୍ତି ବୋଲି ହେଉଥିବା ଅଭିଯୋଗକୁ ସେ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଗରିବ ଚାଷୀମାନଙ୍କ ସମ୍ପର୍କରେ ସେ କହିଛନ୍ତି ଯେ ସେମାନଙ୍କ ପାଇଁ ନମନୀୟ ରିଚାର୍ଜ ସୁବିଧା ରହିଛି। ଚାଷୀମାନେ ପାଞ୍ଚ ଦିନିଆ, ୧୦ ଦିନିଆ ରିଚାର୍ଜ କରିପାରିବେ। ତେବେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ବିଦ୍ୟୁତ୍ ବିଲ୍ ପଇଠ କରୁନଥିବା ଅଭ୍ୟାସଗତ ଠକମାନଙ୍କୁ ସାବାଡ଼ କରିବା ଲାଗି ସେମାନଙ୍କୁ ପ୍ରିପେଡ୍ ମିଟର ଲଗାଇବାକୁ କୁହାଯାଉଛି। ଏହା ଦ୍ୱାରା ବିଦ୍ୟୁତ୍ ବିଲରେ ଖିଲାପ ହ୍ରାସ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ସେ ଏହା ମଧ୍ୟ ଜଣାଇଛନ୍ତି ଯେ ବିଦ୍ୟୁତ୍ ବିପଣନ କମ୍ପାନିଗୁଡ଼ିକ ବ୍ୟବସାୟ କରୁଛନ୍ତି। ବ୍ୟବସାୟ ଜାରି ରଖିବା ପାଇଁ ସେମାନଙ୍କୁ ରାଜସ୍ୱ ଦରକାର।

## ଭାରତରେ ରୁଷ୍ ଉପ-ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨।୪: ଭାରତ ଓ ରୁଷ୍ ମଧ୍ୟରେ ରହିଥିବା ରଣନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ରୁଷର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଡେନିସ ମଣ୍ଟୁରୋଭ ଦୁଇ ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ସୂଚନାଯୋଗ୍ୟ ଯେ, ମଣ୍ଟୁରୋଭ ଭାରତ-ରୁଷ୍ ଆନ୍ତଃ-ସରକାରୀ କମିଶନର ସହ-ଅଧ୍ୟକ୍ଷ ମଧ୍ୟ ଅଛନ୍ତି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କ ସୂଚନା ଅନୁଯାୟୀ, ମଣ୍ଟୁରୋଭ ତାଙ୍କ ଗସ୍ତ କାଳରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଏକ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହା ବ୍ୟତୀତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବାଣିଜ୍ୟିକ କାରବାର ବୃଦ୍ଧି ଉପରେ ଆଲୋଚନା ହେବ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ରଣନୈତିକ ଓ ପ୍ରତିରକ୍ଷା ସମ୍ପର୍କିତ ସମୀକ୍ଷା କରାଯିବ। ଏହି ଗସ୍ତର ଠିକ୍ ପୂର୍ବରୁ ଭାରତରେ ଅବସ୍ଥାପିତ ରୁଷ୍ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଆନ୍ତର୍ଜାତୀୟ ରାଜନୀତିରେ ଆମେରିକାର କୌଣସି ପ୍ରକାରର ଚାପକୁ ରୁଷ୍ ଗ୍ରହଣ କରେନାହିଁ । ଭାରତ ନିଜର ସ୍ୱାଧୀନ ବୈଦେଶିକ ନୀତି ଉପରେ କାଏମ ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

## ପୁଅ ପାଇଁ ନିଜ ଝିଅର ବଳି ଦେଲେ ମା’

ରାଞ୍ଚି,୨।୪: ଝାଡ଼ଖଣ୍ଡର ହଜାରୀବାଗ ଜିଲାର ବିଷ୍ଣୁଗଡ଼ ଥାନା ଅଞ୍ଚଳର କୁସୁମ୍ବା ଗାଁରେ ଜଣେ ୧୩ ବର୍ଷୀୟା ଝିଅର ହତ୍ୟା ଘଟଣାରେ ପୋଲିସ ଏକ ଚାଞ୍ଚଲ୍ୟକର ଖୁଲାସା କରିଛି। ପୋଲିସ କହିଛି ଯେ ପୁଅର ସ୍ୱାସ୍ଥ୍ୟ ପାଇଁ ମା’ ନିଜ ଝିଅକୁ ବଳି ଦେଇଥିଲେ। ଜଣେ ତାନ୍ତ୍ରିକଙ୍କ ନିର୍ଦ୍ଦେଶରେ ମା’ ତାଙ୍କ ପ୍ରେମିକଙ୍କ ସହ ମିଶି ତାଙ୍କ ଝିଅର ଗଳାକାଟି ହତ୍ୟା କରିଲେ। ତେବେ ପୋଲିସ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ ମାର୍ଚ୍ଚ ୨୪ ତାରିଖ ରାତିରେ ମଙ୍ଗଳା ଶୋଭାଯାତ୍ରା ସମୟରେ କୁସୁମ୍ବା ଗାଁରେ ୧୩ ବର୍ଷୀୟା ଝିଅକୁ ହତ୍ୟା କରାଯାଇଥିଲା। ତା’ର ମୃତଦେହ ପରଦିନ, ମାର୍ଚ୍ଚ ୨୫ ତାରିଖ ସକାଳ ପ୍ରାୟ ୮:୩୦ ସମୟରେ ଗାଁ ମଧ୍ୟମା ବିଦ୍ୟାଳୟ ପଛପଟେ ଥିବା ଏକ ବାଉଁଶ ବୁଦାରୁ ମିଳିଥିଲା। ତାଙ୍କ ମା’ ରେଶମୀ ଦେବୀ ମଧ୍ୟ ନିଖୋଜ ରିପୋର୍ଟ ଦାଖଲ କରିଥିଲେ। ବିଷ୍ଣୁଗଡ଼ ପୋଲିସ ଧନେଶ୍ୱର ପାସୱାନ ଏବଂ ଅନ୍ୟ ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ୨୬ ମାର୍ଚ୍ଚରେ, ଝାଡ଼ଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଏବଂ ହଜାରୀବାଗ ପୋଲିସ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଥିଲା। ବୈଷୟିକ ପ୍ରମାଣ ଏବଂ ପଚରାଉଚରା ଆଧାରରେ, ତଦନ୍ତରେ ଏକ ଆଶ୍ଚର୍ଯ୍ୟଜନକ ସତ୍ୟ ପ୍ରକାଶ ପାଇଥିଲା। ଯାଦୁବିଦ୍ୟା ଅଭ୍ୟାସ କରୁଥିବାର ଦାବି କରୁଥିବା ଗ୍ରାମର ଜଣେ ବାସିନ୍ଦା ଶାନ୍ତି ଦେବୀ, ଓରଫ ଭାଗତିନୀ ଯିଏ ତନ୍ତ୍ର ବିଦ୍ୟା କରୁଥିଲେ। ସେ ପୁଅର ଅସୁସ୍ଥତା ଏବଂ ପାରିବାରିକ ସମସ୍ୟାର ସମାଧାନ ପାଇଁ ଝିଅର ବଳି ଦେବାକୁ ମା’ଙ୍କୁ କହିଥିଲେ। ତାଙ୍କ କଥା ଅନୁସାରେ ମହିଳା ଜଣଙ୍କ ତାଙ୍କ ଝିଅର ବଳି ଦେବାକୁ ରାଜି ହୋଇଥିଲେ ।

## ଯୁଦ୍ଧ ମଧ୍ୟରେ ଇରାନରୁ ୧୨୦୦ରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି




ନୂଆଦିଲ୍ଲୀ,୨।୪: ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ଇରାନରୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ଥିବା ଭାରତୀୟ ନାଗରିକଙ୍କ ସଂଖ୍ୟା ବିଷୟରେ କହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ପଶ୍ଚିମ ଏସିଆରେ ଚାଲି ଥିବା ସଂଘର୍ଷ ମଧ୍ୟରେ ଇରାନରୁ ୧୨୦୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଇରାନ ଓ ଆମେରିକା ମଧ୍ୟରେ ଗତ ମାସ ହେବ ଯୁଦ୍ଧ ଲାଗି ରହିଛି। ଏହି ସମୟରେ, ଇରାନ ଓ ଉପସାଗରୀୟ ଦେଶ ଗୁଡ଼ିକରେ ବହୁ ସଂଖ୍ୟାରେ ଭାରତୀୟ ରହୁଛନ୍ତି। ସେଠାରୁ ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଉଛି। ଦିଲ୍ଲୀରେ ପ୍ରେସ୍ ବ୍ରିଫିଂକୁ ସମ୍ବୋଧିତ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜାୟସୱାଲ କହିଛନ୍ତି ଯେ, ଏହି ସୁରକ୍ଷିତ ସ୍ଥାନାନ୍ତର କରିବା ଆର୍ମେନିଆ ଓ ଅଜରବୈଜାନର ରାସ୍ତା ମଧ୍ୟ ଦେଇ କରାଯାଉଛି, ଯେଉଁଥିରେ କେନ୍ଦ୍ର ଗ୍ରାଉଣ୍ଡ ସ୍ତରରେ ପ୍ରୟାସକୁ ଅତି ଧ୍ୟାନର ସହ କରୁଛି। ସେ କହିଥିଲେ , ପାଖାପାଖି ୧୨୦୦ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି, ଯେଉଁଥିରୁ ୮୪୫ ଜଣ ଛାତ୍ରଛାତ୍ରୀ ଅଛନ୍ତି। ସେ ଆହୁରି କହିଛନ୍ତି , ୯୯୬ ଲୋକ ଆର୍ମେନିଆ ଚାଲି ଯାଇଛନ୍ତି ଏବଂ ୨୦୪ ଅଜରବୈଜାନ , ଯେଉଁଠି ବୈଦେଶିକ ମନ୍ତ୍ରଣାଳୟ ତାଙ୍କର ସାହାଯ୍ୟ କରୁଛି।

## ଆମେରିକାକୁ ଇରାନର ଚେତାବନୀ

# ଜଣେ ବି ବଞ୍ଚିକି ଯାଇ ପାରିବ ନାହିଁ



ନୂଆଦିଲ୍ଲୀ,୨।୪: ଆମେରିକା ସହ ଯୁଦ୍ଧ ମଧ୍ୟରେ ଇରାନର ସେନା ପ୍ରମୁଖ ମେଜର ଜେନେରାଲ ଅମିର ହାତାମୀ ଗୁରୁବାର କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ଶତ୍ରୁ ସ୍ଥଳ ଆକ୍ରମଣ କରେ ତେବେ ଜଣେ ବି ବଞ୍ଚିକି ଯାଇ ପାରିବେ ନାହିଁ। ଆମେ ଆମ ଶତ୍ରୁଙ୍କର ପିଛା ସେପର୍ଯ୍ୟନ୍ତ ଛାଡ଼ିବୁ ନାହିଁ ,ଯେପର୍ଯ୍ୟନ୍ତ ଆମେ ଆମର ଲକ୍ଷ୍ୟକୁ ହାସଲ କରିପାରି ନାହୁଁ। ହାତାମୀଙ୍କର ଏହି ବିବୃତ୍ତି ସେତେବେଳେ ସାମ୍ନାକୁ ଆସିଛି, ଯେବେ ଗତ ଅନେକ ଦିନରୁ ଆମେରିକା ଦ୍ୱାରା ଇରାନରେ ସ୍ଥଳ ଆକ୍ରମଣର ଆଶଙ୍କା କରାଯାଉଛି। ଆମେରିକୀୟ ସେନା ମଧ୍ୟ ପ୍ରାଚ୍ୟରେ ମଧ୍ୟ ପହଞ୍ଚି ସାରିଛି। ଇରାନ ଆମେରିକା ଓ ଇସ୍ରାଏଲକୁ ଶତ୍ରୁ ଦେଶ ଭାବି ଆସିଛି। ଏହି ମଧ୍ୟରେ, ଇରାନ ଦାବି କରିଛି ଯେ, ସେ ଶିରାଜ ସହର ଉପରେ ଉଡୁଥିବା ଇସ୍ରାଏଲୀୟ ହର୍ମେସ ୯୦୦ ଡ୍ରୋନକୁ ଆକ୍ରମଣ କରି ଖସାଇ ଦେଇଛି। ଇରାନର ଫାର୍ସ ନ୍ୟୁଜ୍ ଏଜେନ୍ସି ଅନୁସାରେ, ହାତାମୀ କହିଛନ୍ତି , ଯଦି ଆବଶ୍ୟକ ପଡ଼େ ତ ତେହେରାନ ନିଜର ସାମରିକ ପ୍ରତିକ୍ରିୟାକୁ ଆହୁରି ଜୋରଦାର କରିବାକୁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ମଧ୍ୟ। ସେ କହିଛନ୍ତି ,ଯଦି ଶତ୍ରୁ କୌଣସି ସ୍ଥଳ ଆକ୍ରମଣ କରେ ତ , ସେମାନଙ୍କ ମଧ୍ୟରୁ କେହି ଜଣେ ବି ବଞ୍ଚିକି ଯାଇ ପାରିବେ ନାହିଁ। ସେ ଆହୁରି କହିଛନ୍ତି , ଇସଲାମୀ ଇରାନର ରଣନୀତି ପୂରା ସ୍ପଷ୍ଟ। ଆମ ଦେଶରୁ ଯୁଦ୍ଧର ଛାୟା ହଟିବା ଉଚିତ୍ ଏବଂ ସୁରକ୍ଷା ସମସ୍ତଙ୍କ ପାଇଁ ସୁନିଶ୍ଚିତ ହେବା ଉଚିତ୍। ଏମିତି କେବେ ହୋଇ ପାରିବ ନାହିଁ ଯେ, କିଛି ସ୍ଥାନ ତ ସୁରକ୍ଷିତ ଅଛି , କିନ୍ତୁ ଆମର ଲୋକ ସୁରକ୍ଷିତ ନାହାନ୍ତି। ଇରାନୀ ସେନା ପ୍ରମୁଖ ଏହା ମଧ୍ୟ କହିଛନ୍ତି ଯେ, ସେନା ଶତ୍ରୁର କୌଣସି ବି ଆକ୍ରମଣର ମୁକାବିଲା କରିବା ପାଇଁ ଆକ୍ରମଣାତ୍ମକ ଓ ରକ୍ଷାତ୍ମକ, ଉଭୟ କ୍ଷେତ୍ରରେ ସଂପୂର୍ଣ୍ଣ ପ୍ରସ୍ତୁତ। ଏହା ଜରୁରୀ ଯେ, ଶତ୍ରୁର ପ୍ରତି କାର୍ଯ୍ୟ ଓ କାର୍ଯ୍ୟକଳାପ ଉପରେ ପ୍ରତିକ୍ଷଣ , ପୂରା ସାବଧାନତା ସହ ଓ ତନ୍ନ ତନ୍ନ ଭାବେ ନଜର ରଖିବା ଉଚିତ ଏବଂ ଶତ୍ରୁର ଆକ୍ରମଣର ଉପାୟର ଜବାବ ଦେବା ପାଇଁ ସଠିକ୍ ସମୟରେ ଯୋଜନା ଗୁଡ଼ିକୁ ସଫଳ କରାଯାଉ। ଉଲ୍ଲେଖନୀୟ ଯେ, ଆମେରିକା ଓ ଇସ୍ରାଏଲ ୨୮ ଫେବ୍ରୁଆରୀରେ ଇରାନର ରାଜଧାନୀ ତେହେରାନ ସହ ଦେଶର ବିଭିନ୍ନ ଠିକଣା ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ବ୍ୟାପକ ଧରଣର କ୍ଷୟକ୍ଷତି ହୋଇଛି ଏବଂ ତାଙ୍କର ନାଗରିକ ମୃତାହତ ହୋଇଥିଲେ। ଏହାର ଜବାବରେ ଇରାନ ଇସ୍ରାଏଲୀୟ କ୍ଷେତ୍ର ଓ ପଶ୍ଚିମ ଏସିଆରେ ଥିବା ଆମେରିକୀୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା। ଇରାନର ଆଖପାଖରେ ବଢୁଥିବା ଉତ୍ତେଜନା କାରଣରୁ ପାରସ୍ୟର ଉପସାଗରୀୟ ଦେଶ ଗୁଡ଼ିକରୁ ବିଶ୍ୱସ୍ତରୀୟ ବଜାରରେ ତୈଳ ଓ ତରଳ ପ୍ରାକୃତିକ ଗ୍ୟାସର ଯୋଗାଣର ପ୍ରମୁଖ ମାର୍ଗ , ହୋର୍ମୁଜ ପ୍ରଣାଳୀର ବାସ୍ତବିକ ନାକାବନ୍ଦୀ ହୋଇ ଯାଇଛି ଏବଂ ଏହି କ୍ଷେତ୍ରରେ ତୈଳ ଏକ୍ସପୋର୍ଟ ଏବଂ ପ୍ରଡକ୍ସନର ସ୍ତରକୁ ମଧ୍ୟ ପ୍ରଭାବିତ କରିଛି।

### ସ୍ପେଶାଲ କ୍ରାଇମ୍ ୟୁନିଟ୍ ପଞ୍ଝାରେ ବନ୍ଧୁକ ବେପାରୀ

# ବନ୍ଧୁକ ସହ ଜବତ ହେଲା ୧୦ ରାଉଣ୍ଡ ଗୁଳି

ଭୁବନେଶ୍ୱର(ନିପ୍ର): ରାଜଧାନୀରୁ ପୁଣି ବନ୍ଧୁକ ଓ ଗୁଳି ଜବତ କରିଛି କମିଶନରେଟ୍ ପୋଲିସ । ଭୁବନେଶ୍ୱରର ସ୍ଥିତ ସୁନ୍ଦରପଦାରୁ ୨ଟି ସେମି ଅଟୋମେଟେଡ ପିସ୍ତଲ ଜବତ କରିଛି ପୋଲିସ । ତେବେ ବେଆଇନ ବନ୍ଧୁକ କାରବାର କରୁଥିବା ବନ୍ଧୁକ ବେପାରୀକୁ ଗିରଫ କରିଛି ସ୍ୱ ?ଶାଲ କ୍ରାଇମ ୟୁନିଟର ସ୍ପେଶାଲ ଟିମ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଏୟାରଫିଲ୍ଡ ଥାନା ନିକଟସ୍ଥ ସୁନ୍ଦରପଦାର ତଳସାହିର ଅମରେଶ ରାଉତ(୨୮) ଓରଫ କାହ୍ନା । ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ ଥିବା ପୋଲିସ ସନ୍ଦେହ କରୁଛି । ପୋଲିସ ଏନେଇ ଅଭିଯୁକ୍ତକୁ ଅଧିକ ପଚ଼ରାଉଚ଼ରା ପାଇଁ ରିମାଣ୍ଡରେ ନେବ ବୋଲି ଜଣାପଡିଛି । ଅମରେଶଙ୍କ ସହଯୋଗୀମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚ଼ଢଉ ଜାରି ରଖିଛି । ଅନ୍ୟପଟେ ଗିରଫ ଅମରେଶ କେଉଁଠାରୁ ଚୋରା ବନ୍ଧୁକ ଆଣୁଥିଲେ, ରାଜଧାନୀରେ କେତେ ବନ୍ଧୁକ ବିକ୍ରି କରିଛନ୍ତି, କେତେ ଟଙ୍କାରେ ଆଣି କେତେ ଟଙ୍କାରେ ବିକ୍ରି କରୁଥିଲେ, ଏହି ଗ୍ୟାଙ୍ଗ ସହ ଅନ୍ୟ କୌଣସି ଗ୍ୟାଙ୍ଗର ସଂପୃକ୍ତି ରହିଛି କି ନାହିଁ ତାର ଖୋଳତାଡ କରୁଛି ସ୍ପେଶାଲ କ୍ରାଇମ ୟୁନିଟ୍। ସେହିଭଳି ଅମରେଶ ରାଜଧାନୀର ପେଶାଦାର ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଅଧିକ ଜେରା କଲେ ବନ୍ଧୁକ ଚୋରା ଚ଼ାଲାଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି କ୍ରାଇମ ୟୁନିଟ୍ ଏସପି ଆଶା ରଖିଛନ୍ତି । ସୂଚ଼ନାଯୋଗ୍ୟ ଯେ, ଏୟାରଫିଲ୍ଡ ଥାନା ନିକଟସ୍ଥ ସୁନ୍ଦରପଦାରେ ରହୁଥିବା ଅମରେଶ ରାଉତ ଜଣେ ପେଶାଦାର ଅପରାଧୀ । ଅପରାଧିକ କାର୍ଯ୍ୟ କଳାପ ଚ଼ଳାଇବା ସହ ବନ୍ଧୁକ କାରବାର କରୁଥିବା କମିଶନରେଟ୍ ପୋଲିସ ଜାଣିବାକୁ ପାଇଥିଲା । ଆଉ ଅମରେଶ ଉପରେ କମିଶନରେଟ ପୋଲିସ ରଖିଥିଲା କଡା ନଜର । ସ୍ପେଶାଲ କ୍ରାଇମ ୟୁନିଟ୍ ଗୁରୁବାର ଦିନ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ଅମରେଶ ଓରଫ କାହ୍ନା ପାଖରେ ବନ୍ଧୁକ ଓ କିଛି ଗୁଳି ରଖି ବ୍ୟବସାୟ ପାଇଁ ଯୋଜନା କରୁଛି । କମିସନରେଟ ପୁଲିସ ଏକ ଟିମ ଗଠନ କରି ଉକ୍ତ ସ୍ଥାନରେ ଅତର୍କିତ ଚ଼ଢଉ କରିଥିଲେ । ପୋଲିସ ସୁନ୍ଦରପଦା ହାଟସାହିରେ ଅତର୍କିତ ଭାବେ ଚ଼ଢଉ କରି ଅମରେଶଙ୍କୁ କାବୁ କରି ନେଇଥିଲେ । ପରେ ଯାଞ୍ଚ କରିବା ସମୟରେ ତାଙ୍କଠାରୁ ପୋଲିସ ୨ଟି ସେମି ଅଟୋମେଟେଡ ପିସ୍ତଲ ଏବଂ ୧୦ରାଉଣ୍ଡ ଜୀବନ୍ତ ଗୁଳି ସହ ଦୁଇଟି କ୍ୟାଟ୍ରିଜ ଜବତ ହୋଇଛି । ଏହାପରେ ପୋଲିସ ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଅଭିଯୁକ୍ତ ଅମରେଶ ରାଉତକୁ ଗିରଫ କରିଛି । ତେବେ ଜାନୁୟାରୀ ମାସରେ ରାଜଧାନୀରେ ବେଆଇନ ବନ୍ଧୁକ କାରବାର ନେଟଓ୍ୱର୍କ ଖୁଲାସା ହୋଇଥିଲା । ଭୁବନେଶ୍ୱରରୁ ବନ୍ଧୁକ ଡେଲିଭରି ପାଇଁ ଆସିବା ବେଳେ ୬ ବନ୍ଧୁକ ଜବତ ହୋଇଥିଲା । ତେବେ ବାରମ୍ବାର ରାଜଧାନୀରେ ବନ୍ଧୁକ ମିଳିବା ଏକ ଚ଼ିନ୍ତାର ବିଷୟ ପାଲଟିଛି ।



## ଦେଶୀ ମଦ ସହ ବାଇକ ଜବତ: ଜଣେ ଗିରଫ

ଚିଲିକା/ବାଲୁଗାଁ(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ବିଭାଗ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ବିଭାଗ ଚ଼ଢ଼ାଉ କରି ବାଣପୁର ହାତୀମୁଣ୍ଡା ଛକରୁ ଜଣେ ଯୁବକଙ୍କୁ ଗିରଫ କରିବା ସହିତ ୮୨ ଲିଟର ଦେଶୀ ମଦ ଓ ଏକ ବାଇକ ଜବତ କରାଯାଇଛି । ହାତୀମୁଣ୍ଡା ଛକରୁ ବାଲୁଗାଁ ସାମନ୍ତରାପୁର ଗ୍ରାମର ଅକ୍ଷୟ ପରିଡ଼ା ନାମକ ଜଣେ ଚୋରା ମଦ ବେପାରିକୁ ଗିରଫ କରି କେସ ନମ୍ବର ୧/୨୦୨୬-୨୭ ଆଧାରରେ ଅକ୍ଷୟ ପରିଡ଼ାକୁ ଗିରଫ କରାଯାଇଛି । ଯୁବକଙ୍କ ନିକଟରୁ ଗୋଟିଏ ବାଇକ ଓ ୮୨ ଲିଟର ଦେଶୀମଦ ଜବତ କରାଯାଇଛି । ଯାହାର ଅନୁମାନିକ ମୂଲ୍ୟ ୭୬,୪୦୦ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ଏହି ଚ଼ଢ଼ାଉରେ ଅବକାରୀ କର୍ମଚାରୀ ଏଏସଆଇ ରାମଚନ୍ଦ୍ର ଜେନା, ରଞ୍ଜିତ ପଟେଲ, ସୁନିତା ମହାରଣା, ମନୋଜ ଜୟସିଂହ ଓ ଅଶେଷ କୁମାର ପ୍ରଧାନ ଆଦି ଯୋଗ ଦେଇଥିଲେ ।

## ଦଣ୍ଡଯାତ୍ରା ଆରମ୍ଭ: ଗାଁଠାରୁ ସହର ଚଳଚଞ୍ଚଳ

ବେଲଗୁଣ୍ଠା(ନିପ୍ର): ଢୋଲ, ମହୁରୀରେ ପ୍ରକମ୍ପିତ ହେବ ଧରା । ପଣା, ଝୁଣା ମହକରେ ମହକି ଯିବ ପରିବେଶ । ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ଚଳଚଞ୍ଚଳ । ସମସ୍ତେ ରୁଦ୍ରକାଳୀଙ୍କ ଆରାଧନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଆସନ୍ତା ୨୫ ତାରିଖରୁ ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ୨୭ ତାରିଖରୁ ଏବଂ ଅବଶିଷ୍ଟ ଅପ୍ରେଲ୍ ଏକ ତାରିଖରେ ଆରମ୍ଭ ହୋଇଛି ଦଣ୍ଡ ଯାତ୍ରା । ଏନେଇ ବିଭିନ୍ନ ଗ୍ରାମରେ ରାତିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରସ୍ତୁତି ପାଇଁ ଗାଆଁର ବିଦ୍ୟାଳୟ କୋଠା, ମନ୍ଦିର, କୋଠ ଘର ପାଲଟିଛି ଆଖଡ଼ା ଶାଳ । ବିଭିନ୍ନ ଗ୍ରାମ ତରଫରୁ ସାମାଜିକ ଏବଂ ପୌରାଣିକ ନାଟକ ପରିବେଷଣ ପାଇଁ ଜୋରଦାର୍ ଅଭ୍ୟାସ କରାଯାଉଛି । ସୂଚନା ପ୍ରକାରେ ବ୍ଲକ୍‌ର ଇନ୍ଦନପୁର ତରଫରୁ ପୌରାଣିକ ନାଟକ ମହାଭାରତ ଏବଂ ସିଂହମର୍ଦ୍ଦନ ତରଫରୁ



ରାମାୟଣ ନାଟକ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ବେଳେ ପାଲକଷଣ୍ଠା ତରଫରୁ ସାମାଜିକ ନାଟକ ଗୁହାରୀ ଶୁଣ ଦୀନବନ୍ଧୁ, ଦହିମୁଣ୍ଡଳୀ ତରଫରୁ ତୁ ମୋ ବଜରଙ୍ଗୀ, ଜାଲଖାଇ ତରଫରୁ କାନ୍ଦେନା ଲୁହ ସରିଯିବ, ତନରଡା ତରଫରୁ କଟି କଟି ଡବଲ୍ କଟି, ଘୃ ନୂଆଁଗାଁ ତରଫରୁ କଳଙ୍କ ମୋ ପାଇଁ ଚନ୍ଦନ ଟୋପା, ହାଟ ଆମ୍ବପୁଆ ତରଫରୁ ଲୁହ ବିନା ଏଠି କାହାଣୀ ଅଧା, ଜିଲିବା ତରଫରୁ କାଇଁଚ ମାଳି ଏବଂ କୋକଲୁଣ୍ଡା ତରଫରୁ କଟି କଟି ଡବଲ୍ କଟି ସାମାଜିକ ନାଟକ ପ୍ରସ୍ତୁତି ହୋଇଛି । ସେହିପରି ବ୍ଲକ୍‌ର ଗୋବରା, ଢ଼େଙ୍ଗାପଦର, ବାଲିଭାଗ, ବେଲଗୁଣ୍ଠା-୧, ବେଲଗୁଣ୍ଠା-୨ ଆଦି ଗ୍ରାମ ତରଫରୁ ଭାରତଲୀଳା ଏବଂ ବଡ଼ ବୋର୍ସିଂ ତରଫରୁ ପୌରାଣିକ ନାଟକ ନର୍କ କୁଣ୍ଡେ ନାରାୟଣ ପରିବେଷଣ କରାଯିବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ଏ ନେଇ ଅଞ୍ଚଳର ଦଣ୍ଡ ଯାତ୍ରା କମିଟିଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ବେଳେ ଅଶ୍ଳୀଳତା ବିହୀନ ଶୃଙ୍ଖଳିତ ନାଟକ ପରିବେଷଣ ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

## ମରଣାନ୍ତକ ଆକ୍ରମଣ, ଯୁବକ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ବିନା କୌଣସି କାରଣରେ ନିଶାସକ୍ତ ଅବସ୍ଥାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ସୁମିତ ପାଇକରାୟ (୨୩) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ଆକୃତି ଏନକ୍ଲେଭର ପ୍ଲଟ ନଂ ୪୦୧ ଏ ବ୍ଲକରେ ବୋଲି ଜଣାପଡିଛି । ଏନେଇ ତୁଷାର ଅଗ୍ରୱାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗତ ଫେବୃଆରୀ ୯ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ତୁଷାର କିଟ୍ ଛକ ନିକଟରେ ଠିଆ ହୋଇଥିବା ସମୟରେ, ଏକ ଥାର୍ ଗାଡ଼ି ଅଟକିଥିଲା ଏବଂ ସେଥିରେ ବସିଥିବା ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଡାକିଥିଲେ । ଅଭିଯୋଗକାରୀ ସେମାନଙ୍କ ପାଖକୁ ଯାଇଥିବାରୁ ନିଶାଗ୍ରସ୍ତ ଅବସ୍ଥାରେ କୌଣସି କାରଣ ବିନା ତାଙ୍କୁ ଆକ୍ରମଣ କରିଥିଲେ ଏବଂ ଭୟଙ୍କର ପରିଣାମ ସହିତ ଧମକ ଦେଇଥିଲେ । ଏଥିରେ ପୀଡିତ ଆହତ ହୋଇଥିଲେ ଏବଂ ପରେ ଚ଼ିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ । ତଦନ୍ତ ସମୟରେ, ଏହା ପ୍ରମାଣିତ ହୋଇଥିଲା ଯେ ଅଭିଯୁକ୍ତ ସୁମିତ ତାଙ୍କ ସହଯୋଗୀମାନଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ଗୁରୁତର କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ବିଶ୍ୱସ୍ତ ସୂଚ଼ନା ଆଧାରରେ କାର୍ଯ୍ୟ କରି, ପୋଲିସ ଅଭିଯୁକ୍ତକୁ ରଘୁନାଥପୁର ଅଞ୍ଚଳରୁ ଗିରଫ କରିଥିଲା ।

## ୨୨ କିଲୋ ଗଞ୍ଜେଇ ସହ ବୋଲେରୋ ଜବତ: ଜଣେ ଗିରଫ

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଫୁଲବାଣୀ-ବ୍ରହ୍ମପୁର ଯିବା ରାସ୍ତାର ଆସିକା କଳିଙ୍ଗାରୋଡ ନିକଟରୁ ଚୋରା ଗଂଜେଇ ଚାଲାଣ ବେଳେ ୨୨ କେଜି ଗଂଜେଇ ଜବତ ସହ ଜଣକୁ ଗିରଫ କରାଯାଇଛି । ଏଥିରେ ସଂପୃକ୍ତ ୨ ଜଣ ଫେରାର ହୋଇଥିବା ଅବକାରୀ ବିଭାଗ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବ୍ରହ୍ମପୁର ଅବକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ଗତକାଲି ରାତ୍ର ପ୍ରାୟ ୦୯.୩୦ ସମୟରେ ଆସିକା ବସଷ୍ଟାଣ୍ଡ ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଓଡି ୦୭ ଏ କ୍ୟୁ ୯୭୦୦ ନମ୍ବର ଗ୍ରେ କଲର ବୁଲେରୋ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡି ମଧ୍ୟରୁ ୨୨କିଲୋ ଗଞ୍ଜେଇ ସହ ଉତ୍ତରପ୍ରଦେଶର ହକଦାପୁର ଥାନା ଇଲାକାର ଦୟାନିଧିଙ୍କୁ ଜେରା କରୁଥିବା ବେଳେ ଗଞ୍ଜାମ ଜିଲ୍ଲାର ଗୋଲନ୍ଥରା ଥାନା ଇଲାକାର ଶିବା ରାଓ ଓ ପୁରୀ ଥାନା ଇଲାକାର ହିମାଂଶୁ ବେହେରା ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ଜେରାରୁ ଜଣାପଡ଼ିଛିକି ଉକ୍ତ ତିନିଜଣ ମିଶି ଫୁଲବାଣୀରୁ ୨୨ କିଲୋ ଗଂଜେଇ ଧରି ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ଅବକାରୀ ବିଭାଗର ଡେପୁଟି ଏସପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ନାରାୟଣ ଜେନା, ସଂଗୀତା ମହାପାତ୍ର, ପ୍ରବିରା ସାମଲ, କୁମୁଦ ପ୍ରଧାନ କପିଳାଶୁ ଭଟ, ସନ୍ତୋଷ ନାୟକ, ସଞ୍ଜୟ ପାତ୍ର ପ୍ରମୁଖ ଚ଼ଢ଼ାଉରେ ସାମିଲ ହୋଇଥିଲେ । ଏହି ଅବକାରୀ ଟିମ ଜଣକୁ ଗିରଫ କରି ବୋଲେରା ଗାଡି, ଗୋଟିଏ ମୋବାଇଲ ଫୋନ ଏବଂ ୨୨ କେଜି ଗଂଜେଇ ଜବତ କରିଛି ।



## ଏନ୍‌ଫୋର୍ସମେଣ୍ଟ ଟିମର ଚ଼ଢ଼ାଉ: ୩୨ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବତ

ରଣପୁର(ନିପ୍ର): ରଣପୁର ଅଞ୍ଚଳରେ ଇନ୍ଧନ ଗ୍ୟାସର ବ୍ୟାପକ କଳାବଜାରି କରାଯାଉଥିବା ଅଭିଯୋଗ ହେଉଥିବା ବେଳେ ସାଧାରଣ ଗ୍ରାହକ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଗୁରୁବାର ଆକ୍ସନ ମୁଡ଼କୁ ଆସିଛି ରଣପୁର ପ୍ରଶାସନ । ରାଜସୁନାଖଳା ଠାରେ ଜଣଙ୍କ ଘରେ ଗ୍ୟାସ କଳାବଜାରି କରୁଥିବା ଅଭିଯୋଗ ଆସିବା ପରେ ଏନଫୋର୍ସମେଣ୍ଟ ଟିମ ସେଠାରେ ଚ଼ଢ଼ାଉ କରି ୩୨ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବତ କରିଥିବା ଜଣାପଡିଛି । ରଣପୁର ବ୍ଲକ ସୁନାଖଳାର ରଘୁନାଥ ସାହୁଙ୍କ ଘରେ ରଣପୁର ବିଡ଼ିଓ ମନୋଜ ନାୟକ, ତହସିଲଦାର ଓ ଯୋଗାଣ ବିଭାଗ ମିଳିତ ଚ଼ଢ଼ାଉ କରାଯାଇ ଇଣ୍ଡିଆନ, ଭାରତ ଓ ଏଚପି କମ୍ପାନୀର ୩୨ଟି ଗ୍ୟାସ ଜବତ କରାଯାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗୋଟିଏପଟେ ଗ୍ୟାସ ସଙ୍କଟ ଦେଖାଯାଇଥିବା ବେଳେ ଏହାର ସୁଯୋଗ ନେଇ କଳାବଜାରି କରୁଛନ୍ତି ଅସାଧୁ ବ୍ୟକ୍ତି । ଆଗାମୀ ଦିନରେ ଗ୍ୟାସ କଳାବଜାରି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ତହସିଲଦାର । ଏହି ଚ଼ଢ଼ାଉ ଦେଖି ଅନ୍ୟ କିଛି ଗ୍ୟାସ କଳାବଜାରି କରୁଥିବା ବ୍ୟବସାୟୀଙ୍କ ମନରେ ଛନକା ପଶିଛି ।



## ଲିଫ୍ଟ ନ ଦେବାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ନିପ୍ର): ବାଇକରେ ଲିଫ୍ଟ ନ ଦେବାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଗୁରୁବାର ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ବିକୁ ଭୋଇ ଓରଫ ଦୋଲା (୩୦) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ସୁନ୍ଦରପଦା ଭୋଇସାହିରେ ବୋଲି ଜଣାପଡିଛି । ଏନେଇ ବିଜୟ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚ଼ନାଯୋଗ୍ୟ ଯେ, ବୁଧବାର ଦିନ ପ୍ରାୟ ୨ଟା୧୫ ସମୟରେ, ଅଭିଯୁକ୍ତ ବିକୁ ଭୋଇ ଅଭିଯୋଗକାରୀଙ୍କୁ ଲିଫ୍ଟ ପାଇଁ ଅନୁରୋଧ କରିଥିଲେ । ତେବେ ଗାଡି ଖରାପ ଥିବାରୁ ଅଭିଯୋଗକାରୀ ବିଜୟ ଲିଫ୍ଟ ଦେବାକୁ ମନା କରିଥିଲେ । ପରେ ଦିନ ପ୍ରାୟ ୨ଟା ସମୟରେ ଅଭିଯୋଗକାରୀ ଆଜାଦ ନଗର ନିକଟରେ ତାଙ୍କ ଗାଡ଼ି ମରାମତି ପାଇଁ ଅପେକ୍ଷା କରି ବସିଥିବା ବେଳେ, ଅଭିଯୁକ୍ତ ଉତ୍ତେଜିତ ଅବସ୍ଥାରେ ସେଠାକୁ ଆସି ତାଙ୍କୁ ଚେୟାରରୁ ଠେଲି ଦେଇଥିଲେ । ପରେ ସେ ଏକ ଛୁରୀ ବାହାର କରି ମାରାତ୍ମକ ଆଘାତ ଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ଅଭିଯୋଗକାରୀ ପ୍ରତିରୋଧ କରି ସାହାଯ୍ୟ ପାଇଁ ଚ଼ିତ୍କାର କରିଥିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଜମା ହୋଇଥିଲେ । ପଳାଇବା ପୂର୍ବରୁ ଅଭିଯୁକ୍ତ ତାଙ୍କ ଗୋଡ଼ରେ ଆଘାତ କରିଥିଲେ ଏବଂ ହତ୍ୟା କରିବାକୁ ଧମକ ଦେଇଥିଲେ । ତଦନ୍ତ ସମୟରେ, ଅଭିଯୁକ୍ତକୁ ଗିରଫ କରାଯାଇଥିଲା ଏବଂ ପଚ଼ରାଉଚ଼ରା ବେଳେ ସେ ଅପରାଧରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ । ଯାଞ୍ଚରୁ ଜଣାପଡିଛି ଯେ, ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ବିଭିନ୍ନ ଥାନା ଅଧୀନରେ ଚୋରି, ଡକାୟତି ଏବଂ ଅନ୍ୟାନ୍ୟ ଅପରାଧ ସମେତ ପୂର୍ବରୁ ୮ଟି ମାମଲା ରହିଥିବା ଜଣାପଡିଛି ।

## ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ମହୋତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଭୁବନେଶ୍ୱର(ନିପ୍ର): ରାଜ୍ୟ ସରକାରଙ୍କ ସହଯୋଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୪ଦିନ ବ୍ୟାପୀ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ-୨୦୨୬ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଦଳଗତ ସଫଳତା ହାସଲ କରିଛନ୍ତି । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବାଧିକ ପୁରସ୍କାର ଲାଭ କରିଛନ୍ତି । ସାଇସ୍ୱରୂପ ଦେ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ପ୍ରଥମ, ଆନନ୍ଦ ନାରାୟଣ ମାହାତୋ ଚିତ୍ରକଳାରେ ପ୍ରଥମ, ବୈଷ୍ଣବୀ ଘୋଷ ଏକକ ଶାସ୍ତ୍ରୀୟ କଣ୍ଠସଂଗୀତରେ ପ୍ରଥମ, ପ୍ରଦ୍ୟୁମ୍ନ ରଞ୍ଜନ ସାହୁ ଏକକ ବେହେଲା ବାଦନରେ ପ୍ରଥମ, ପଦ୍ମିନୀ ପଟ୍ଟନାୟକ ସମସାମୟିକ ନୃତ୍ୟରେ ପ୍ରଥମ, ଦିବ୍ୟଜ୍ୟୋତି ରାଉତ ଫଟୋଗ୍ରାଫିରେ ପ୍ରଥମ, ବିଷ୍ଣୁ ପଣ୍ଡା ଏକକ ଅଭିନୟରେ ପ୍ରଥମ, ଟି.ତୁଳିକା ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ ସ୍ଥାନ ସହ ଏକକ ଲଘୁ ସଂଗୀତରେ ପାୟଲ ମହାନ୍ତି ଓ ଦଳଗତ ନୃତ୍ୟରେ ଚିନ୍ତାମଣି ଲୁହା, ଅଭିଜିତା ଜେନା, ବିଶ୍ୱଜିତ ମହାପାତ୍ର, ବର୍ଣ୍ଣି ମଣ୍ଡଳ, ବିଶ୍ୱଜିତ ପ୍ରଧାନ, ମମତା ବରିହା, କଲ୍ୟାଣୀ ମହାନ୍ତି, ପ୍ରିୟଦର୍ଶିନୀ ପଟ୍ଟନାୟକ, ନିବେଦିତା ମହାରଣା, ଚନ୍ଦ୍ରଶେଖର ନନ୍ଦ, ଦିନେଶ ସିଂ, ଚିତ୍ତରଞ୍ଜନ ବାରିକ ଓ ଶୁଭାଶିଷ ବାରିକ ପ୍ରମୁଖ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି । ସହକାରୀ ପ୍ରଫେସର ସାରଦା ପ୍ରସନ୍ନ ଦାସ ଓ ଅଧ୍ୟାପିକା ସଂଧାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଦଳ ଏହି ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତା ନିମନ୍ତେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।




## ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ହାର୍ଡକୋର ଅପରାଧୀ ରାଜା ସାହାଣୀ ଉତ୍ତରାଖଣ୍ଡରୁ ଗିରଫ

କଟକ(ନିପ୍ର): ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ହାର୍ଡକୋର ଅପରାଧୀ ରାଜା ସାହାଣୀ ଗିରଫ । ଦୀର୍ଘ ୬ ମାସ ପରେ ଉତ୍ତରାଖଣ୍ଡରୁ ଗିରଫ ହୋଇଛି ରାଜା ସାହାଣୀ । ଓଡିଶାରେ ପହଂଚିବା ପରେ ରାଜାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟରେ ହାଜର କରାଯିବ । ଏହାପରେ ରିମାଣ୍ଡରେ ନେବାକୁ ଅନୁମତି ମାଗିବ ପୋଲିସ । ଋଷିକେଶର ଏକ ହୋଟେଲରେ ଥିଲା ରାଜା । କିଛି କାମରେ ସେଠାକୁ ଯାଇଥିଲା । ଏକ ଅପରାଧିକ ଗ୍ୟାଙ୍ଗର ଗ୍ୟାଙ୍ଗଷ୍ଟର ଥିଲା ରାଜା ସାହାଣୀ । ରାଜା ପଛରେ ପଡ଼ିଥିଲେ ଏକାଧିକ ରାଜ୍ୟର ପୋଲିସ । କର୍ଣ୍ଣାଟକ, ବିହାର,ଓଡ଼ିଶା ପୋଲିସ ତାକୁ ଖୋଜୁଥିଲେ । ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକ ମହିଶୁରରେ ଏକ ବଡ଼ ଲୁଟ କରିଥିଲେ ରାଜାର ଗ୍ୟାଙ୍ଗ । ଏକ ଗହଣା ଦୋକାନରୁ ୨୦ କୋଟିରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟ କରିଥିଲେ । ତାକୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବର ବିଭିନ୍ନ ସ୍ଥାନରେ ଡେରା ପକାଇ ରହିଥିଲା କଟକ କମିଶନରେଟ ପୋଲିସ ଟିମ୍ । ଚ଼ଢ଼ାଉ ବେଳେ ଉତ୍ତରାଖଣ୍ଡ ପୋଲିସର ସହାୟତା ନେଇ ଥିଲେ କଟକ ଡିସିପି । ଗତବର୍ଷ ଅକ୍ଟୋବର ୨ ତାରିଖ ରାତିରେ ଦୁଇ ଜଣ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ ରାଣା ଜେଲରୁ ଚମ୍ପଟ ମାରିଥିଲେ । ଉତ୍ତରପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ଫେବୃଆରି ୧୪ରେ ଧରାପଡ଼ିଥିବା ବେଳେ ଉତ୍ତରାଖଣ୍ଡରୁ ରାଜା ଗିରଫ ହୋଇଛି । ଏହି ଦୁଇ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ବିହାର ଅଞ୍ଚଳର । ଗତବର୍ଷ ଅକ୍ଟୋବରରେ ସେଲର ଲୁହାରଡ କାଟି, କମ୍ବଳକୁ ଦଉଡ଼ି ଭାବେ ବ୍ୟବହାର କରି ଜେଲର ଚାରିକାନ୍ଥ ଡେଇଁ ଉଭୟ ଫେରାର ହୋଇଥିଲେ । ଗତବର୍ଷ ଜାନୁଆରୀରେ ଯାଜପୁର ଜିଲ୍ଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନରୁ ଲୁଟ୍ ମାମଲାରେ ଏହି ଦୁଇ ଦୁର୍ଦ୍ଦାନ୍ତ କଏଦୀ ଗିରଫ ହୋଇଥିଲେ ।



## ପୋଖରୀରେ ବୁଡି ଜଣଙ୍କ ମୃତ୍ୟୁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଥାନା କିନାବଗାଠାରେ ପୋଖରୀରେ ବୁଡି ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କିନ୍ୱାଗାର ଉପେନ୍ଦ୍ର ଲୁହାର(୫୦) । ଗୋବିନ୍ଦପୁର ପୋଲିସ ଗୁରୁବାର ମୃତଦେହ ଜବତ ଏକ ଅପମୃତ୍ୟୁ ମାମଲା (ନଂ.୫/୨୬) ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ କିନାବଗା ଗ୍ରାମର ଉପେନ୍ଦ୍ର ଲୁହାର ବୁଧବାର ସନ୍ଧ୍ୟାରେ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇ ଆଉ ଫେରି ନଥିଲେ । ଗୁରୁବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଓ ପୋଲିସକୁ ସୂଚନା ଦେଇଥିଲେ । ପରେ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ ।

# ମାଂସ ବୋଝେଇ କଣ୍ଟେନରକୁ ନେଇ ଉତ୍ତେଜନା

ତିଗିରିଆ(ନିପ୍ର): ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ ସ୍ଥିତ ହନୁମାନ ମନ୍ଦିର ସମ୍ମୁଖରେ ଥିବା ୬୫ ନମ୍ବର କଟକ - ନରସିଂହପୁର ରାଜ୍ୟ ରାଜପଥ ଉପରେ ସ୍ଥାନୀୟ ଯୁବଗୋଷ୍ଠୀ ଏକ ମାଂସ ବୋଝେଇ କଣ୍ଟେନରକୁ ଜବତ କରିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ କଣ୍ଟେନରରେ ନରସିଂହପୁର ବ୍ଲକ ଚମ୍ପେଶ୍ୱରର ଜଙ୍ଗଲ ମଧ୍ୟରୁ ଗୋମାଂସ ଚାଲାଣ ହେଉଥିବା ନେଇ ଯୁବଗୋଷ୍ଠୀ ଅଭିଯୋଗ କରିବା ସହ ମାଂସ ବୋଝେଇ ଗାଡିକୁ ଭଙ୍ଗାରୁଜା, ଗାଡିର ଡ୍ରାଇଭରକୁ ମାଡ଼ ଆଦି ଘଟଣା ଦେଖିବାକୁ ମିଳିଥିଲା । ଏଥିସହିତ ଚମ୍ପେଶ୍ୱର ଅଞ୍ଚଳରୁ ଏକାଧିକ ଥାନା ଅତିକ୍ରମକରି ଗାଡିଟି ଆସୁଥିବା ବେଳେ ପୋଲିସକୁ କିଭଳି କୌଣସି ସୂଚନା ନାହିଁ ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଏହି ଘଟଣାକୁ ଯୁବଗୋଷ୍ଠୀ ରାସ୍ତା ଅବରୋଧ କରିବା ନେଇ ଉକ୍ତ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତେଜନା ସୃଷ୍ଟି ହେବା ସହ ଶତାଧିକ ଯୁବକ, ସ୍ଥାନୀୟ ଜନସାଧାରଣ ଘଟଣା ସ୍ଥଳରେ ପହଞ୍ଚି ହୋହାଲା କରିବା ସହ ଘଟଣା ସମ୍ପର୍କରେ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ଏସପି ପ୍ରଦୀପ କୁମାର ସାହୁ, ଏସଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇସ୍ପିତା, ତହସିଲଦାର ଧର୍ମ ରଞ୍ଜନ ପଣ୍ଡା, ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକଙ୍କ ସମେତ ଅନ୍ୟାନ୍ୟ ଥାନାର ଥାନା ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଯୁବଗୋଷ୍ଠୀଙ୍କୁ ବୁଝାଇବା ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟଣାଓଟରା ହୋଇଥିବା ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁଯାୟୀ ନରସିଂହପୁରର ଚମ୍ପେଶ୍ୱର ଜଙ୍ଗଲ ମଧ୍ୟରୁ ଗୋମାଂସ ଧରି କଣ୍ଟେନରଟି ତିଗିରିଆ ଆଡେ ଆସୁଥିବାର ସୂଚନା ପାଇ ଯୁବଗୋଷ୍ଠୀ ଗାଡିକୁ ବଡମ୍ବା ଅଞ୍ଚଳରୁ ପିଛା କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ଗାଡିର ଡ୍ରାଇଭର ଗାଡିକୁ ଦ୍ରୁତ ଗତିରେ ନେଇ ଆସିଥିଲା । ଫଳରେ ଗାଡିକୁ ବଡମ୍ବା କିମ୍ବା ମାଣିଆବନ୍ଧ ଅଞ୍ଚଳରେ ଧରିପାରିନଥିଲେ । କିନ୍ତୁ ବିନ୍ଧାଣିମା ହନୁମାନ ମନ୍ଦିର ସମ୍ମୁଖରେ ଥିବା ରାସ୍ତାରେ ଏବେ ନୂତନ ଭାବେ ନିର୍ମିତ ହମ୍ପସକୁ ଡେଇଁ ଗାଡିଟି ଦ୍ରୁତ ଗତିରେ ଯିବାରେ ସମର୍ଥ ହୋଇପାରିନଥିଲା । ତେଣୁ ପିଛା କରୁଥିବା ଯୁବକମାନେ ଗାଡିକୁ ଧରିବା ପାଇଁ ସମର୍ଥ ହୋଇଥିଲେ । ସେଠାରେ ଉତ୍ୟକ୍ତ ଯୁବକ ମାନେ ଗାଡିର ଡ୍ରାଇଭର ଓ ହେଲପରକୁ ମାଡ଼ ମାରିବା ସହ ବିଭିନ୍ନ ତଥ୍ୟ ପଚାରିଥିଲେ । ପରେ ଯୁବକମାନେ ଏକତ୍ରିତ ହୋଇ ଗାଡିକୁ ଲେଉଟାଇ ଦେବା ସହ ଗାଡ଼ିରେ ନିଆଁ ଲଗାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଘଟଣା ସ୍ଥଳରେ ଉପସ୍ଥିତ ପୋଲିସ ଅଧିକାରୀ ଯୁବକମାନଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ । ଯାହାକୁ ନେଇ ଯୁବକ ଓ ପୋଲିସ ମଧ୍ୟରେ କିଛିଟା ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ପୋଲିସ ପକ୍ଷରୁ ଯୁବକଙ୍କୁ ବୁଝାସୁଝା ସହ ଘଟଣାର ଉପଯୁକ୍ତ ତଦନ୍ତ ଓ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରତିଶ୍ରୁତି ପରେ ଯୁବକମାନେ କିଛିଟା ଶାନ୍ତ ପଡ଼ିଥିଲେ । ପରେ ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀ ରାଜେଶ୍ୱରୀ ଦାସ ଓ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜବତ ମାଂସର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ଆଣିଥିଲେ । ପୋଲିସ ପକ୍ଷରୁ ଲେଉଟିଥିବା ଗାଡିକୁ ଉଦ୍ଧାର କରି ମାଂସ ଜବତ କରିବା ସହ ଡ୍ରାଇଭର ଓ ହେଲପରକୁ ଥାନାକୁ ନିଆଯାଇଥିବା ଜଣାପଡିଛି ।



## ରୋଭର ଓ ରେଞ୍ଜରଙ୍କ ସଫଳତା

ନିରାକାରପୁର, ୨/୪(ନିପ୍ର): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟ୍ ବିଭିନ୍ନ ରାଜ୍ୟସ୍ତରୀୟ ଶିବିରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି ଏବଂ ରୋଭର ସ୍କାଉଟ ଲିଡର ଆଦିକନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି । ସୂଚନା ଅନୁସାରେ, ଗତ ମାର୍ଚ୍ଚ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ତରଫରୁ ଭୁବନେଶ୍ୱରସ୍ଥିତ ରାମ ମନ୍ଦିରଠାରେ ଆୟୋଜିତ 'ରାମନବମୀ' କ୍ୟାମ୍ପ ଏବଂ ଲିଙ୍ଗରାଜଙ୍କ ରୁକୁଣା ରଥ କ୍ୟାମ୍ପରେ ବିଦ୍ୟାଳୟର ୧୫ ଜଣ ରୋଭର ସେବା ପ୍ରଦାନ କରିଥିଲେ। ସେହିପରି ମାର୍ଚ୍ଚ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଡିଏନକେ ମହାବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଯୁବ ବିକଶିତ ରୋଭର ଓ ରେଞ୍ଜର ମୁଟ୍' କ୍ୟାମ୍ପରେ ବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଏହି କ୍ୟାମ୍ପରେ ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ କଲେଜକୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

### ଦେଶର ୧୫ ହଜାର ସ୍କୁଲ ଏବଂ ୫ ଶହ କଲେଜରେ ହେବ

# କଣ୍ଟେଣ୍ଟ କ୍ରିଏଟର ଲ୍ୟାବ୍



ନୂଆଦିଲ୍ଲୀ, ୨।୪ : ଦେଶର ୧୫ ହଜାର ମାଧ୍ୟମିକ ବିଦ୍ୟାଳୟ ଏବଂ ୫ ଶହ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲ୍ୟାବ୍ (ସିସିଏଲ) ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। 'ଅରେଞ୍ଜ ଇକୋନୋମି' କ୍ଷେତ୍ର ଭାବେ ପରିଚିତ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଏବଂ କମିକ୍ସ(ଏଭିଜିସି) କ୍ଷେତ୍ର ସମେତ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ବଜେଟରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଛନ୍ତି । ଏପରିକି ଭାରତକୁ ବିଶ୍ୱସ୍ତରୀୟ କଣ୍ଟେଣ୍ଟ କ୍ରିଏସନ୍ ହବ୍ ଭାବରେ ଗଢ଼ି ତୋଳିବା ପାଇଁ ସରକାରଙ୍କ ବିସ୍ତୃତ ଚିନ୍ତାଧାରା ଅଧୀନରେ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି। ଲୋକସଭାରେ କୃତି ଦେବୀ ଦେବବର୍ମନ ଏବଂ ଏଟାଲା ରାଜେନ୍ଦ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଦ୍ୱାରା ଏହି ସୂଚନା ପ୍ରଦାନ କରାଯାଇଛି। ଏଭିଜିସି – ଏକ୍ସଆର କ୍ଷେତ୍ର ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଆଇସିଟି ଗଠନ କରାଯାଇଛି। ଜୁଲାଇ ୨୦୨୫ରୁ ଏହା ମୁମ୍ବାଇର ଆଇଆଇସିଟି-ନ୍ୟାସନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ (ଏନଏଫଡିସି) ପରିସରରୁ କାର୍ଯ୍ୟ କରୁଛି। ଏହା ଅଧୀନରେ ବର୍ତ୍ତମାନ ୧୮ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଯେଉଁଥିରେ ୧୩୬ ଜଣ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୫ ଜଣ ଅଂଶଗ୍ରହଣକାରୀ 'ଟ୍ରେନ୍-ଦି-ଟ୍ରେନର' କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି। ମୁମ୍ବାଇର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି (ଆଇଆଇସିଟି)କୁ କଣ୍ଟେଣ୍ଟ କ୍ରିଏଟର ଲ୍ୟାବ ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଛି। ଟେକ୍ନୋଲୋଜି ଷ୍ଟାକ୍, ହିତାଧିକାରୀ ଅନୁଷ୍ଠାନଗୁଡ଼ିକର ଚିହ୍ନଟ ଏବଂ କାର୍ଯ୍ୟକାରୀ କରିବାର ପ୍ରଣାଳୀ ସମ୍ବନ୍ଧରେ ଅଂଶୀଦାରମାନଙ୍କ ସହିତ ପରାମର୍ଶ ଜାରି ରହିଛି। ଏଭିଜିସି -ଏକ୍ସଆର କ୍ଷେତ୍ରର ପ୍ରସାର ଏବଂ ଅଭିବୃଦ୍ଧି ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିବା ଏବଂ ନୀତିଗତ ପଦକ୍ଷେପଗୁଡ଼ିକର ସୁପାରିଶ କରିବା ପାଇଁ ସରକାରଙ୍କ ଦ୍ୱାରା ଏପ୍ରିଲ ୨୦୨୨ରେ 'ଏଭିଜିସି ପ୍ରମୋସନ ଟାସ୍କ ଫୋର୍ସ' ଗଠନ କରାଯାଇଥିଲା। ଏହା ଡିସେମ୍ବର ୨୦୨୨ରେ ନିଜର ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି କ୍ଷେତ୍ର ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରଖିଛି । ୨୦୩୦ ସୁଦ୍ଧା ଏଭିଜିସି- ଏକ୍ସଆର, କଣ୍ଟେଣ୍ଟ ପ୍ରଡକ୍ସନ୍, ଡିଜାଇନ୍, ପ୍ରୋଗ୍ରାମିଂ ଏବଂ ସମ୍ପୃକ୍ତ କ୍ଷେତ୍ରରେ ପ୍ରାୟ ଦୁଇ ନିୟୁତ ଦକ୍ଷ ବୃତ୍ତିଧାରୀଙ୍କ ଆବଶ୍ୟକତା ହୋଇପାରେ।

## ସଇଡ଼ାରେ ମା'ଚୈତ୍ରାଦେବୀଙ୍କ ପୂଜା



କୁଚିଣ୍ଡା, ୨/୪(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିକଟସ୍ଥ ସଇଡାଠାରେ ଗୁରୁବାର ଚୈତ୍ର ପୂର୍ଣ୍ଣିମା ଅବସରରେ ମା' ଚୈତ୍ରାଦେବୀଙ୍କ ପୀଠରେ ଧୁମଧାମରେ ଚୈତ୍ରାଦେବୀଙ୍କ ବଳି ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଚୈତ୍ର ପୂର୍ଣ୍ଣିମା ଯାତ୍ରା ଚୈତ୍ରା ପାହାଡର ପାଦଦେଶରେ ଥିବା ଭେଡେନ ନଦୀ ପାର୍ଶ୍ୱବର୍ତ୍ତୀ ଏକ ବୃକ୍ଷ ମୂଳରେ ଆବାହମାନ କାଳରୁ ପୂଜା ହୋଇ ଆସୁଛି। ମା' ଚୈତ୍ରାଦେବୀଙ୍କ ଏକ ବିଶେଷତ୍ୱ ସହ କିମ୍ବଦନ୍ତୀ ରହିଛି। ମା' ଚୈତ୍ର ଦେବୀଙ୍କ ଠାରେ ମାନସିକ ରଖି ଅଧିଆ ପଡିଲେ ମା' ତାଙ୍କ ମନବାଞ୍ଛା ପୂରଣ କରିଥାନ୍ତ ବୋଲି ଲୋକଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି। ତେଣୁ ଚୈତ୍ର ପୂର୍ଣ୍ଣିମା ଦିନ ମାନସିକ ରଖିଥିବା ଭକ୍ତ ମାନେ ମା'ଙ୍କ ଠାରେ ପୂଜାର୍ଚ୍ଚନା କରିଥାନ୍ତି। ମା' ଙ୍କ ଏହି ଚୈତ୍ରପୂଜା ବଳିଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ଉତ୍କଳର ଉତ୍କର୍ଷକୁ ନେଇ ଆମର ଗର୍ବ: ଉପ ମୁଖ୍ୟମନ୍ତ୍ରୀ

**ନୟାଗଡ଼,୨/୪(ନିପ୍ର):** ଉତ୍କଳ ଜନନୀର ବରପୁତ୍ରମାନଙ୍କ ସ୍ମୃତି ଚାରଣ ଓ ଓଡ଼ିଆ ଅସ୍ମିତାର ପର୍ବ 'ଓଡ଼ିଶା ଦିବସ' ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମ ପରିସରରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳର ଉତ୍କର୍ଷତାକୁ ନେଇ ଆମେ ଗର୍ବ କରିବା ଉଚିତ୍ ବୋଲି କହିବା ସହିତ ଓଡ଼ିଶାର ପ୍ରଗତି ପାଇଁ ଆମର ଲକ୍ଷ୍ୟ ଏକ ହେବା ପାଇଁ କହିଥିଲେ। ଉତ୍ସବର ପ୍ରାରମ୍ଭରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ।

## ଭାରତୀୟ ରେଲୱେ କ୍ୟାଟରିଂ ଓ ଟୁରିଜିମ୍ ପକ୍ଷରୁ ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍



ରାଉରକେଲା, ୨/୪(ନିପ୍ର): ଭାରତୀୟ ରେଲୱେ କ୍ୟାଟରିଂ ଓ ଟୁରିଜିମ୍ କର୍ପୋରେସନ ଲିମିଟେଡ ପକ୍ଷରୁ ଭାରତ ଗୌରବ ଟୁରିଷ୍ଟ ଟ୍ରେନ ୨୦୨୬ ମେ ୧୧ ତାରିଖରୁ ୬ଟି ଜ୍ୟୋତିର୍ଲିଙ୍ଗ ଏବଂ ଶିରିଡି ଯାତ୍ରା ଅଭିମୁଖେ ବାହାରିବ ବୋଲି ଗୁରୁବାର ରାଉରକେଲା ରେଳଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ଥିବା ଆଇଆରସିଟିସି, ରାଞ୍ଚି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ବିଶେଷ ଭାରତ ଗୌରବ ଟୁରିଷ୍ଟ ଇ.ଜେଡ୍.ବି.ଜି. ୩୦ ଟ୍ରେନ୍ ଝାରସୁଗୁଡ଼ାରୁ ୨୦୨୬ ମେ ୧୧ ତାରିଖଠାରୁ ଆରମ୍ଭ ହୋଇ ୧୧ ରାତି ୧୨ ଦିନ ୬ଟି ଜ୍ୟୋତିର୍ଲିଙ୍ଗ ଏବଂ ଶିରିଡି ଯାତ୍ରା ଅଭିମୁଖେ ବାହାରି ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ଏବଂ ପ୍ରସିଦ୍ଧ ମନ୍ଦିର ଦର୍ଶନ କରାଇବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରସିଦ୍ଧ ତୀର୍ଥ ଓ ଦର୍ଶନୀୟ ସ୍ଥଳ ମଧ୍ୟରେ ଉଜ୍ଜୟନୀର ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଏବଂ ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ, ସୋମନାଥରେ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗ, ଦ୍ୱାରକାରେ ଦ୍ୱାରକାଧୀଶ ମନ୍ଦିର ଓ ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ଶିରିଡିରେ ସାଇ ଦର୍ଶନ, ନାଶିକରେ ଶ୍ରୀମ୍ବକେଶ୍ୱର ଜ୍ୟୋତିର୍ଲିଙ୍ଗ, ଔରଙ୍ଗାବାଦରେ ଘୃଷ୍ଣେଶ୍ୱର ଜ୍ୟୋତିର୍ଲିଙ୍ଗ ଇତ୍ୟାଦି। ଏହି ଯାତ୍ରା ଭାରତ ସରକାରଙ୍କ 'ଦେଖୋ ଆପନା ଦେଶ' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନରେ ଆୟୋଜିତ କରାଯାଉଛି ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯାନର ଉଦ୍ଦେଶ୍ୟ ଘରୋଇ ପର୍ଯ୍ୟଟନକୁ ବଢାଇବା ଏବଂ ସାଂସ୍କୃତିକ ଏକତାକୁ ପ୍ରୋତ୍ସାହିତ କରିବା ତଥା ଦେଶର ବିଭିନ୍ନ କ୍ଷେତ୍ରରେ ନାଗରିକଙ୍କୁ ଭାବନାତ୍ମକ ଭାବରେ ଯୋଗ କରିବା।

## ପୁରୀ ଜିଲ୍ଲାରେ ସ୍ୱ -ଗଣନା କାର୍ଯ୍ୟ ଆରମ୍ଭ

ପୁରୀ, ୨/୪(ନିପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ଅପ୍ରେଲ୍ ୧୬ରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ ରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ପାରିବେ। ଏହି ସ୍ୱ-ଗଣନା କାର୍ଯ୍ୟକ୍ରମ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଅପ୍ରେଲ୍ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘରଘର ବୁଲି ତଥ୍ୟ ସଂଗ୍ରହ କରିବେ ଏବଂ ଆପଣ ପ୍ରଦତ୍ତ କରିଥିବା ତଥ୍ୟର ଯାଞ୍ଚ କରି ଚୂଡ଼ାନ୍ତ କଲା ପରେ ଦାଖଲ କରିବେ । ଯାହା ଗୁରୁବାରଠାରୁ ଆରମ୍ଭ ହେଉଛି ଏବଂ ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ପୁରୀ ସହରର ଜନଗଣନାର ଭାରପ୍ରାପ୍ତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରିଜିତ ନାୟକଙ୍କ ସହଯୋଗରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ବାସଭବନରେ ତାଙ୍କର ସ୍ୱଗଣନା କାର୍ଯ୍ୟ ସମାପ୍ତ ହୋଇଛି ।

## ସ୍ୱ-ଜନଗଣନାର ପଞ୍ଜିକରଣ ଆରମ୍ଭ



ଆସିକା, ୨/୪(ନିପ୍ର): ଦେଶରେ ଆରମ୍ଭ ହୋଇଛି ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟକ୍ରମ । ପ୍ରଥମେ ନିଜେ ନିଜ ଘରର ତଥ୍ୟକୁ ପୂରଣ କରିବା ପାଇଁ ଆରମ୍ଭ ହୋଇଛି ସ୍ୱ ଜନ ଗଣନା ଅଭିଯାନ । ଆମର ଜନ ଗଣନା ଆମର ବିକାଶ ପାଇଁ ଆମେ ସମସ୍ତେ ମିଳିମିଶି କାମକଲେ ଜନଗଣନା ସଠିକ ହେବ । ଜନଗଣନା କାର୍ଯ୍ୟକ୍ରମକୁ ଅଧିକ ସରଳ, ସୁରକ୍ଷିତ, ଏବଂ ଡିଜିଟାଲ ସୁବିଧା ନିମନ୍ତେ ଏପ୍ରେଲ ୦୧ ଠାରୁ ୧୫ ପର୍ଯ୍ୟନ୍ତ ଚାଲିଥିବା ସ୍ୱ ଗଣନା କରିବା ପାଇଁ ଆସିକା ତହସିଲ ଅଫିସ ସମ୍ମୁଖରେ ସାମ୍ବାଦିକ, ସ୍ୱୟଂ ସହାୟକ ଗୋଷ୍ଠି, ସମନ୍ୱିତ ଶିଶୁ ବିକାଶ ବିଭାଗ, ପଂଚାୟତ ରାଜ ବିଭାଗ, ଆଇନଜୀବୀ, ଯୁବ ସଙ୍ଘ ମାନଙ୍କ ପାଖରେ ତହସିଲ ଟିମ ପହଞ୍ଚି ସେମାନଙ୍କୁ ନିଜ ମୋବାଇଲରୁ ନିଜେ ନିଜର ତଥ୍ୟକୁ ପୂରଣ କରିବା ଶିକ୍ଷା ଦେଇଥିଲେ ଆସିକା ତହସିଲଦାର ସଂଗୀତା ସେଣ। ମୋ ଗଣନା ଦେଶର ବିକାଶ ପାଇଁ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅମରେଶ ସାବତ ଉପସ୍ଥିତ ରହି ସ୍ୱଗଣନାକୁ ତ୍ୱରାନ୍ୱିତ କରିଥିଲେ ।

## ମହାଦୁର୍ନୀତିର ତଦନ୍ତ ପାଇଁ ଡେରା ପକାଇଲେ ଇଓଡବ୍ଲ୍ୟୁ ଟିମ୍

ଭାପୁର, ୦୨।୦୪(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୨୦୧୭-୨୦୨୧ ମସିହା ମଧ୍ୟରେ ହୋଇଥିବା ମହାଦୁର୍ନୀତି ନେଇ ପୁନର୍ବାର ଇଓଡବ୍ଲୁ (ଅର୍ଥନୈତିକ ଅପରାଧିକ ଶାଖା) ପକ୍ଷରୁ ଫାଇଲ ଘାଣ୍ଟିବା ଆରମ୍ଭ ସହିତ ଗୁରୁବାର ଡେରା ପକେଇଛନ୍ତି ଦୁଇ ଜଣିଆ ଟିମ। ତତ୍କାଳୀନ ରାଜନେତା ଓ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସେମାନେ ତିନିଦିନ ରହି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହିତ ଜନସାଧାରଣଙ୍କ ନିକଟରୁ ପ୍ରମାଣଯୁକ୍ତ ଅଭିଯୋଗ ଗ୍ରହଣ କରିବେ । ଏହି ଟିମରେ ରାଜ୍ୟ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ଶାଖାର ଡିଏସପି ଏବଂ ଇନ୍ସପେକ୍ଟର ତଦନ୍ତ କରିବେ ବୋଲି ଜଣାପଡିଛି। ଭାପୁର ବ୍ଲକ ଗତ କିଛି ବର୍ଷ ହେଲା ଦୁର୍ନୀତି ପାଇଁ ରାଜ୍ୟରେ ଚର୍ଚ୍ଚିତ ହୋଇ ରହିଆସିଥିଲେ ମଧ୍ୟ କିଛି ବର୍ଷ ହେଲା ଏହି ଚର୍ଚ୍ଚା କମିଯାଇଥିବା ବେଳେ ଇଓଡବ୍ଲ୍ୟୁ ପୁନର୍ବାର ଫାଇଲ ଘାଣ୍ଟିବା ଏହି କ୍ଷତକୁ ତାଜା କରିଛି। ୨୦୧୭-୨୦୨୧ ମସିହା ମଧ୍ୟରେ ତତ୍କାଳୀନ ଅଧକ୍ଷାଙ୍କ ଦସ୍ତଖତକୁ ଜାଲ କରାଯାଇ ଉପାଧକ୍ଷ ଓ ଅନ୍ୟମାନଙ୍କ ଦ୍ୱାରା କୋଟିକୋଟି ଟଙ୍କାର ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେର ଦୁର୍ନୀତି କରିଥିବା ନେତାମାନେ ବର୍ତ୍ତମାନ ଶାସକ ଦଳରେ ଆଶ୍ରୟ ନେଇଥିବାରୁ ଏହା ଶାସକ ଦଳର ତଣ୍ଟିରେ କଣ୍ଟା ହୋଇ ରହିଛି। ଏହି ତଦନ୍ତ କେଉଁ ମୋଡ ନେବ ସେ ନେଇ ବ୍ଲକର ସବୁ ଛକ ବଜାରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଆସିକା, ୦୨/୦୪(ନିପ୍ର): ଆସିକା ତହସିଲ ବେଣାପାଟ ପଞ୍ଚାୟତ ଅଧୀନ କେଶପୁର ଗ୍ରାମରେ କିଛି ଅସାଧୁ ବ୍ୟକ୍ତି ବର୍ଷବର୍ଷ ଧରି ଜବରଦଖଲ ରେ ରଖିଥିବା ସରକାରୀ ଜମିକୁ ସେମାନଙ୍କ କବଳରୁ ଉଚ୍ଛେଦ ସକାଶେ ଆସିକା ତହସିଲଦାର ସଂଗୀତା ସେଣଙ୍କ ନିକଟରେ କେଶପୁର ଗ୍ରାମ ସଭାପତି ପ୍ରମୋଦ କୁମାର ଉପସଭାପତି ଦୀନବନ୍ଧୁ ଗୌଡ଼ଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଜମିକୁ କେଶପୁର ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ବହୁବର୍ଷ ହେବ ନିଜ ଅକ୍ତିଆରରେ ରଖିଛନ୍ତି। ବହୁବାର ଗ୍ରାମବାସୀ ସଭାସମିତି କରି ଉକ୍ତ ଜମିକୁ ଛାଡିବା ପାଇଁ କହିବା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମ ସଭାପତି ଅଭିଯୋଗ କରିଛନ୍ତି।

## ବାର୍ ଆସୋସିଏସନ୍‌ର ଶପଥପାଠ ଉତ୍ସବ

**ନିମାପଡ଼ା,୨।୪(ନିପ୍ର):** ନିମାପଡ଼ା ବାର ଆସୋସିଏସନ୍ ନୂତନ କର୍ମକର୍ତାଙ୍କ ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମିଶ୍ର ଅତିଥି ଭାବେ ଯୋଗ ଦେଇ ନବ ନିର୍ବାଚିତ କର୍ମକର୍ତାଙ୍କୁ ଶପଥ ପାଠ କରାଇବା ସହିତ ସାଧାରଣ ଜନତାଙ୍କୁ ଆଇନ ସଂପର୍କରେ ସଚେତନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସଭାପତି ଭାବେ ଅଭିମନ୍ୟୁ ସ୍ୱାଇଁ, ଉପ-ସଭାପତି ଦୁର୍ଯ୍ୟୋଧନ ବାରିକ, ସଂପାଦକ ପ୍ରକ୍ଷୋଜିତ ପରିଡ଼ା, ସହ ସଂପାଦକ ପ୍ରିୟଙ୍କା ରଥ ପ୍ରମୁଖଙ୍କ ଶପଥ ପାଠ କରାଯାଇଥିଲା । ଆଇନଜୀବୀ ବ୍ରହ୍ମାନନ୍ଦ ରଥ, ବ୍ରହ୍ମାନନ୍ଦ ପ୍ରଧାନ, ପ୍ରସନ୍ନ ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନତିମୂଳକ ବିଷୟ ସଂପର୍କରେ ଆଲୋଚନା କରିଥିଲେ ।

## ଖୋର୍ଦ୍ଧା ରୋଡ୍ ମଣ୍ଡଳର ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା

ଜଟଣୀ, ୨/୪(ନିପ୍ର): ୨୦୨୫–୨୬ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ଅସାଧାରଣ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ସର୍ବକାଳୀନ ସର୍ବାଧିକ ୩୨୨.୭୩ ନିୟୁତ ଟନ୍ ସମୁଦାୟ ଟ୍ରାଫିକ୍ ଏବଂ ୧୭୬.୧୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୭.୫ ଶତକଡା ବୃଦ୍ଧିକୁ ସୂଚିତ କରେ। ମଣ୍ଡଳର ମୂଳ ଆୟ ୧୫,୯୪୧ କୋଟି ଟଙ୍କା ହୋଇଥିବା ବେଳେ, ଯାତ୍ରୀ ପରିବହନରେ ୫୨.୮୨ ମିଲିୟନ୍ ଯାତ୍ରୀ ଯାତାୟାତ ଏବଂ ୧,୩୭୧.୯୭ କୋଟି ଟଙ୍କା ଆୟ କରି ରେକର୍ଡ କରିଛି । ଏହି ଆର୍ଥିକ ବର୍ଷ ଅବଧିରେ ୬୦ କି.ମି. ନୂତନ ରେଳପଥ/ଟ୍ରାକ୍ କମିଶନିଂ କରାଯାଇଥିବାବେଳେ, ୧୫୦ କି.ମି. ରୁଟରେ ଟ୍ରେନ୍ ଗତି ୧୧୦ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହ ୨ଟି ରୋଡ୍ ଓଭର ବ୍ରିଜ୍ କମିଶନିଂ ହୋଇଥିବା ସହ ୨୧୯ କି.ମି. ସୁରକ୍ଷା ବାଡ଼ କାମ ସମାପ୍ତ ହୋଇଛି। ୧୮ଟି ଲେଭେଲ୍ କ୍ରସିଂ ଗେଟ୍‌ରେ ଆଧୁନିକ ଆଧୁନିକ ଇଣ୍ଟରଲକିଂ ଓ ସିଗ୍ନାଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ଯାହାଫଳରେ ପରିଚାଳନାଗତ ନିର୍ଭରଯୋଗ୍ୟତା ବୃଦ୍ଧି ପାଇଛି ଏବଂ ବିଫଳତା ହାର ୩୦ ପ୍ରତିଶତ କମିଛି। ଯାତ୍ରୀ ସୁବିଧାକୁ ଆହୁରି ସୁଦୃଢ଼ କରିବା ପାଇଁ ଲିଫ୍ଟ, ଏସ୍କେଲେଟର, ସ୍ୱୟଂଚାଳିତ ଟିକେଟ୍ ବିକ୍ରୟ ଯନ୍ତ୍ର ସୁବିଧା ପ୍ରଦାନ କରାଯାଇଥିବା ସହ ମୋବାଇଲ୍ ଟିକେଟିଂ ବ୍ୟବସ୍ଥାକୁ ବିସ୍ତାର କରାଯାଇଛି। ଏହାସହ ଯାତ୍ରୀ ଅଭିଯୋଗ ଗୁଡ଼ିକର ୧୦୦ ଶତାଂଶ ସମାଧାନ ସୁନିଶ୍ଚିତ କରାଯାଇଛି। ରୋଲିଂ ଷ୍ଟକ୍‌ର ସୁରକ୍ଷା ଓ ରକ୍ଷାବେକ୍ଷଣକୁ ଆହୁରି ସକ୍ତିଶାଳୀ କରିବା ପାଇଁ ହଟ୍ ଏକ୍ସେଲ୍ ଡିଟେକ୍ସନ୍ ସିଷ୍ଟମ୍, ହ୍ୱିଲ୍ ଇମ୍ପାକ୍ଟ ଲୋଡ୍ ଡିଟେକ୍ଟର୍ ଏବଂ ଅଗ୍ନି ଚିହ୍ନଟ ଓ ନିରୋଧକ ବ୍ୟବସ୍ଥା ସ୍ଥାପନ କରାଯାଇଛି। ପୁରୀ କୋଚିଂ ଡିପୋ ଏବଂ ଅନୁଗୁଳ ଡିପୋର କ୍ଷମତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସହ ମଣ୍ଡଳ ପକ୍ଷରୁ ୧୪.୭ ମେଗାୱାଟ୍ ସୌର ଶକ୍ତି କ୍ଷମତା ଯୋଡ଼ାଯାଇଥିବା ସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ୍ କହିଛନ୍ତି ଯେ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସୁରକ୍ଷାମୂଳକ ପଦକ୍ଷେପ ଓ ଆଧୁନିକୀକରଣ ମାଧ୍ୟମରେ ମଣ୍ଡଳ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପରିଚାଳନାଗତ ଦକ୍ଷତା ଓ ଯାତ୍ରୀ ସେବାକୁ ଆହୁରି ଉନ୍ନତ କରିବା ପାଇଁ ମଣ୍ଡଳ ସଦା ସର୍ବଦା ପ୍ରତିବଦ୍ଧ ରହିଛି।

## ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନାଲ୍‌କୋର ସର୍ବକାଳୀନ ରେକର୍ଡ



ଭୁବନେଶ୍ୱର, ୨/୪(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ଆର୍ଥିକ ବର୍ଷ ୨୦୨୫-୨୬ରେ କମ୍ପାନୀର ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରି ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ଉତ୍ପାଦନ ଓ ବ୍ୟବସାୟର ବିଭିନ୍ନ ଦିଗରେ କମ୍ପାନୀ ଅଭୂତପୂର୍ବ ସଫଳତା ହାସଲ କରିଛି । କମ୍ପାନୀ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ପରିବହନର ରେକର୍ଡ କରିଛି, ଠିକ ସେହି ପରି ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ୨୩ ଲକ୍ଷ ଟନ୍ ଏବଂ କାଲସାଇଣ୍ଡ୍ ଆଲୁମିନା ଉତ୍ପାଦନ ୨୨.୭୫ ଲକ୍ଷ ଟନ୍‌ରେ ପହଞ୍ଚିଛି। କାଷ୍ଟ ଧାତୁ ଉତ୍ପାଦନ ୪.୭୨ ଲକ୍ଷ ଟନ୍ ରେକର୍ଡ କରାଯାଇଛି, ଏହା ସହିତ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ୬,୯୫୩ ମିଲିୟନ ୟୁନିଟ ଏବଂ କୋଇଲା ଉତ୍ପାଦନ ୪୦ ଲକ୍ଷ ଟନ୍ ରେକର୍ଡ କରାଯାଇଛି। ବିକ୍ରୟ କ୍ଷେତ୍ରରେ ମଧ୍ୟ, କମ୍ପାନୀ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ଆଲୁମିନା ବିକ୍ରୟ ୧୪.୪୬ ଲକ୍ଷ ଟନ୍, ଘରୋଇ ଆଲୁମିନା ବିକ୍ରୟ ୧.୩୮ ଲକ୍ଷ ଟନ୍ ଏବଂ ଆଲୁମିନିୟମ ଧାତୁ ବିକ୍ରୟ ୪.୭୪ ଲକ୍ଷ ଟନ୍ ରେକର୍ଡ କରାଯାଇଛି, ଯେଉଁଥିରେ ସର୍ବାଧିକ ଘରୋଇ ଧାତୁ ବିକ୍ରୟ ୪.୬୧ ଲକ୍ଷ ଟନ୍ ଅନ୍ତର୍ଭୁକ୍ତ। ଉଲ୍ଲେଖଯୋଗ୍ୟ ଯେ, କମ୍ପାନୀ ପୂର୍ବ ବର୍ଷ ତୁଳନାରେ ବକ୍ସାଇଟ୍ ପରିବହନ କ୍ଷେତ୍ରରେ ୬.୧୩% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ କାଲସାଇଣ୍ଡ ଆଲୁମିନା ଉତ୍ପାଦନରେ ୧୧.୧୬% ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ପୂର୍ବ ବର୍ଷ ତୁଳନାରେ ୨.୬୧ % ବୃଦ୍ଧି ଘଟିଛି। ମୋଟ ଆଲୁମିନା ବିକ୍ରୟ ୩୦.୭୪ % ର ଏକ ଦୃଢ଼ ଅଭିବୃଦ୍ଧି ହାସଲ କରିଥିବାବେଳେ, ମୋଟ ଆଲୁମିନିୟମ ବିକ୍ରୟ ମଧ୍ୟ ପୂର୍ବ ବର୍ଷ ତୁଳନାରେ ୨.୮୨% ବୃଦ୍ଧି ପାଇଛି।

### ଶ୍ରୀନିବାସ ରାମାନୁଜ ଗଣିତ ପ୍ରତିଭା ପରୀକ୍ଷା

## ରାଜ୍ୟସ୍ତରରେ ୬ ପୁରସ୍କୃତ

ଭାପୁର, ୨/୪(ନିପ୍ର): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରୀନିବାସ ରାମାନୁଜ ଗଣିତ ପ୍ରତିଭାରେ ଭାପୁର ସରସ୍ୱତୀ ଶିଶୁ ମନ୍ଦିରରୁ ଚାରିଜଣ ଶିଶୁ କୃତିତ୍ୱ ଅର୍ଜନ କରିଛନ୍ତି । ପ୍ରଥମ ଶ୍ରେଣୀର ସୁଶ୍ରୀ ଦେବାଂଶୀ ଦଳବେହେରା, ତୃତୀୟ ଶ୍ରେଣୀର ବିଶ୍ୱରଂଜନ ନାୟକ, ଚତୁର୍ଥ ଶ୍ରେଣୀର ଶୁଭ୍ରସ୍ମୃତି ଶୁକ୍ଳ ଓ ପ୍ରତ୍ୟୁଷ କୁମାର ବେହେରା ପୁରସ୍କୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଶୁଭ୍ରସ୍ମୃତି ଶୁକ୍ଳ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱତନ୍ତ୍ର ପୁରସ୍କାର ରାଶି ଓ ମାନପତ୍ର ହାସଲ କରିଛନ୍ତି। ସେହିଭଳି ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷାରେ ତୃତୀୟ ଶ୍ରେଣୀର ଦୁଇଜଣ ଅମିତ ବିକ୍ରମ ପଟ୍ଟନାୟକ ଓ ସାଇ ଶୁଭମ ସାହୁ କୃତିତ୍ୱ ହାସଲ ପୂର୍ବକ ପୁରସ୍କାର ରାଶି ଓ ମାନପତ୍ର ପାଇଛନ୍ତି । ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପରୀକ୍ଷାରେ ଚତୁର୍ଥ ଶ୍ରେଣୀର ଶୁଭ୍ରସ୍ମୃତି ଶୁକ୍ଳ କୃତିତ୍ୱ ହାସଲ କରି ଶିଶୁ ମନ୍ଦିରର ଗୌରବ ବୃଦ୍ଧି କରିଛନ୍ତି । ଶିଶୁ ମନ୍ଦିର ସମସ୍ତ କର୍ମଚାରୀ ତଥା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା,୨।୪ (ନିପ୍ର): ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ମୂଲ୍ୟାୟନ କେନ୍ଦ୍ରରେ ନିଯୁକ୍ତ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପବିତ୍ର ଉତ୍କଳ ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି । ତେଣୁଆଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୁମ୍ଫାରିପଦା ଉଚ୍ଚ ବିଦ୍ୟାଳୟ (କାକଟପୁର) ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ଦାସ, ମଧୁସୂଦନ ବିଦ୍ୟାପୀଠ (ଗଙ୍ଗାନାରାୟଣପୁର) ଶିକ୍ଷକ ଦୁର୍ଗା ପ୍ରସାଦ ମହାରଣା, ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟ (ନିମାପଡ଼ା) ଶିକ୍ଷକ ରଂଜନ ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା ।

**AFFIDAVIT**

By virtue of an affidavit sworn before The Executive Magistrate, Marshaghai affidavit no.918 dated 25.11.2025, I Suchismita Nayak D/o-Umakanta Nayak, At-Kusunpur, Po/Ps-Marshaghai, Dist-Kendrapara do hereby declare that I have changed my name from Lipsarani Nayak to Suchismita Nayak. Henceforth I shall be known as Suchismita Nayak for all purposes.

**Sd/-Suchismita Nayak**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ